# ଅ ଆ କ ଖ...

'ମୋ ସ୍କୁଲ୍' ହାଲଚାଲ

'ମୋ ସ୍କୁଲ୍' ଅଭିଯାନ ସୂଚନାପତ୍ର ।। ଅପ୍ରେଲ୍ ୨୦୨୩



**ଉପକୃତ ଛାତ୍ରଛାତ୍ରୀ:**
**୫୩** ଲକ୍ଷରୁ ଉର୍ଦ୍ଧ୍ୱ

**ସହଯୋଗ ପାଇଥିବା ସ୍କୁଲ୍:**
**୫୦** ହଜାରରୁ ଉର୍ଦ୍ଧ୍ୱ

**ପ୍ରୋଜେକ୍ଟ ସଂଖ୍ୟା:**
**୧,୫୬,୯୦୭**

**ଲକ୍ଷ୍ୟ:**
**୫୪,୬୭୪** ସ୍କୁଲ୍

**ସହଯୋଗ ଦେଇଛନ୍ତି:**
**୩୦** ଲକ୍ଷରୁ ଉର୍ଦ୍ଧ୍ୱ
ପୁରାତନ ଛାତ୍ରଛାତ୍ରୀ

‘ମୋ ସ୍କୁଲ୍’ ଆପ୍

SCAN ME
Android

SCAN ME
iOS



"ପିଲାମାନେ, ବଡ଼ ସ୍ୱପ୍ନ ଦେଖ। ଜୀବନର ଘାତ ପ୍ରତିଘାତକୁ ଆତ୍ମବିଶ୍ୱାସର ସହିତ ସାମ୍ନା କର। ପ୍ରତିଭାର ବିକାଶ ପାଇଁ ସ୍କୁଲ୍ ହେଉଛି ପ୍ରଥମ ପାହାଚ। ସ୍କୁଲ୍‌ରୁ ତିଆରି ହୁଏ ଦେଶର ଭବିଷ୍ୟତ। ମାତୃଭୂମି ଓ ମାତାପିତା ପରେ ସ୍କୁଲ୍ ହେଉଛି ଆମର ସବୁଠୁ ବଡ଼ ପରିଚୟ। ପିଲାମାନେ, ଭଲ ପାଠ ପଢ଼। ଭଲ ମଣିଷ ହୁଅ ଏବଂ ଏହି ପରିଚୟକୁ ରାଜ୍ୟର ଗୌରବରେ ପରିଣତ କର।"

ନବୀନ ପଟ୍ଟନାୟକ

ମୁଖ୍ୟମନ୍ତ୍ରୀ, ଓଡ଼ିଶା



# ମୋ' ବସ୍ତାନିରୁ

**ସୁସ୍ମିତା ବାଗ୍‌ଚୀ**

ପ୍ରଥମ ଶ୍ରେଣୀର ପିଲାଟି । ପାଠରେ ବହୁତ ମନ । ସବୁଦିନ ସ୍କୁଲ ଯାଏ ସମୟ ଅନୁସାରେ । ସବୁ ଶିକ୍ଷକଙ୍କର ଅତି ପ୍ରିୟ ସେ । ଦିନକର କଥା । ପୁଅଟି ବୋଉଙ୍କ ସାଙ୍ଗରେ ମାମୁଘର ଯାଇଥିଲା । ପରଦିନ ସକାଳୁ ଫେରିବା ବେଳେ ବସ୍ ଡେରି କରିଦେଲା । ସ୍କୁଲ ସାମ୍ନା ଦେଇ ବସ୍‌ଟି ଗଲା ବେଳେ ପୁଅଟି ଦେଖିଲା ଯେ ସ୍କୁଲ ଆରମ୍ଭ ହୋଇଯାଇଛି । ଘରେ ପହଞ୍ଚି ପିଲାମନରେ ସେ ଠିକ୍ କରିଲା- ଆଜି ଆଉ ସ୍କୁଲ ଯିବ ନାହିଁ । ବୋଉ ବହୁତ ବୁଝାଇଲେ । କହିଲେ, ସେମିତି କିଛି ତ ଡେରି ହୋଇ ଯାଇ ନାହିଁ । ସେ ଯାଇ ପାରିବ ସ୍କୁଲ ।

ନା- ପୁଅଟି ମନା କରିଦେଲା । ସ୍କୁଲ ଯିବ ନାହିଁ । ବୋଉ ଆଉ ଅଧିକ ବାଧ କରିଲେ ନାହିଁ । କିଛି ସମୟ ପରେ ସେମାନଙ୍କ ଘରେ ଆସି ପହଞ୍ଚିଗଲେ ପ୍ରଥମ ଶ୍ରେଣୀର ଶିକ୍ଷୟିତ୍ରୀ ଶ୍ରୀମତୀ କୁମୁଦିନୀ ମିଶ୍ର । ବୋଉଙ୍କୁ ପଚାରିଲେ- ପୁଅ ଦେହ ଭଲ ନାହିଁ କି ? ସେ ତ କେବେହେଲେ ସ୍କୁଲ ବନ୍ଦ କରେ ନାହିଁ । ଆଜି ସ୍କୁଲ କାହିଁକି ଆସିନି ?

ବୋଉ ସବୁ କଥା କହିଲେ । ଶିକ୍ଷୟିତ୍ରୀ ଦିଦି ବୋଉଙ୍କୁ କହିଲେ- ପୁଅର ବହି ବସ୍ତାନି ଦିଅନ୍ତୁ । ବସ୍ତାନିକୁ କାନ୍ଧରେ ପକାଇ ପିଲାଟିକୁ କାଖେଇ ନେଲେ ସେ । ସେଇମିତି କାଖେଇ ବହି ବ୍ୟାଗ୍ ଧରି ତାକୁ ସେ ନେଇ ଆସିଲେ ସ୍କୁଲ୍‌କୁ । ଘଟଣାଟି ପୁଅର ମନରେ ସାରା ଜୀବନ ପାଇଁ ଛାପି ହୋଇ ରହିଗଲା । ପୁଅଟି ବଡ଼ ହେଲା । ସ୍କୁଲ, କଲେଜ ପାଠ ଶେଷ କରି ଭାରତୀୟ ପ୍ରଶାସନିକ ସେବାରେ ଯୋଗ ଦେଲା । ସେ ପିଲାଟି ଆଜି ଆମ ରାଜ୍ୟର ମୁଖ୍ୟ ଶାସନ ସଚିବ ଶ୍ରୀ ପ୍ରଦୀପ କୁମାର ଜେନା । ଭୁବନ ବ୍ଲକ୍‌ର ବାଲିଝାଟି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସେଇ ଅଭିଜ୍ଞତାକୁ ନେଇ ଶ୍ରୀ ଜେନା ମୋତେ କହିଥିଲେ ଯେ ଶୃଙ୍ଖଳା ଓ ସମୟାନୁବର୍ତ୍ତିତାର ମୂଲ୍ୟ କ'ଣ, ତାହା ଶ୍ରୀମତୀ କୁମୁଦିନୀ ମିଶ୍ରଙ୍କଠାରୁ ସେ ସେଇ ଦିନ ହିଁ ଶିଖିଥିଲେ । ତା'ପରଠାରୁ ଆଜି ପର୍ଯ୍ୟନ୍ତ ସେସବୁକୁ ସେ ବେଦର ଗାର ଭଳି ମାନି ଚାଲିଛନ୍ତି ।

ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକଙ୍କର 'ମୋ ସ୍କୁଲ ଅଭିଯାନ' ବର୍ତ୍ତମାନ ସର୍ବବ୍ୟାପୀ । ଓଡ଼ିଶାର ପ୍ରାୟ ପ୍ରତ୍ୟେକ ବିଦ୍ୟାଳୟରେ ପୁରାତନ ଛାତ୍ର ଓ ସମାଜର ସମନ୍ୱୟରେ ପରିବର୍ତ୍ତନର ସ୍ପର୍ଶ ଦେଖିବାକୁ ମିଳୁଛି । ହାଇସ୍କୁଲ ରୂପାନ୍ତରୀକରଣ କାର୍ଯ୍ୟକ୍ରମରେ ଅଧିକାଂଶ ଉଚ୍ଚ ବିଦ୍ୟାଳୟର କାୟା ପରିବର୍ତ୍ତନ ଘଟିଛି । ଆଶା ଅଛି, ୨୦୨୩ ମସିହା ଡିସେମ୍ବର ମାସ ସୁଦ୍ଧା ସମସ୍ତ ଉଚ୍ଚ ବିଦ୍ୟାଳୟର ରୂପାନ୍ତରୀକରଣ ସମ୍ପୂର୍ଣ୍ଣ ହୋଇଯିବ ।

ଉଚ୍ଚ ବିଦ୍ୟାଳୟଗୁଡ଼ିକ ପରେ 'ମୋ ସ୍କୁଲ୍ ଅଭିଯାନ'ର ଲକ୍ଷ୍ୟ ପ୍ରାଥମିକ ବିଦ୍ୟାଳୟମାନଙ୍କରେ ସୁଚିନ୍ତିତ ପରିବର୍ତ୍ତନ ଆଣିବା । ଘରର ସୁରକ୍ଷିତ ବାତାବରଣରୁ ପ୍ରଥମ ଥର ପାଇଁ ପିଲାଟିଏ ପାଦଦିଏ ପ୍ରାଥମିକ ବିଦ୍ୟାଳୟରେ । ସରଳ କୋମଳ ମନ । ପ୍ରାଥମିକ ବିଦ୍ୟାଳୟର ଅଭିଜ୍ଞତାକୁ ଦୁଇ ହାତରେ ସାଉଁଟି ନିଏ ସେ । ସେଇ ଶିକ୍ଷା, ଆଦର୍ଶର ଛୁଆଁ ସାରା ଜୀବନ ପାଇଁ ରହିଯାଏ ।

ଓଡ଼ିଶାକୁ, ଓଡ଼ିଶାର ପରବର୍ତ୍ତୀ ପିଢ଼ିକୁ ସଫଳତାର ଶୀର୍ଷକୁ ନେବା ପାଇଁ ଆମ ସମସ୍ତଙ୍କୁ ପ୍ରାଥମିକ ବିଦ୍ୟାଳୟର ପରିସରରୁ ହିଁ ଚେଷ୍ଟା କରିବାକୁ ହେବ । ଶ୍ରୀମତୀ କୁମୁଦିନୀ ମିଶ୍ରଙ୍କ ଭଳି ଆମ ସମସ୍ତଙ୍କୁ କୁନି ପିଲାମାନଙ୍କୁ ଦୁଇ ହାତରେ ଜଡ଼େଇ ଧରି ଲକ୍ଷ୍ୟ ସାଧନର ରାସ୍ତା ଦେଖାଇ ଦେବାକୁ ହେବ । ଆମ ଓଡ଼ିଶାର ଭବିଷ୍ୟତକୁ ଉଜ୍ଜ୍ୱଳ କରିବାକୁ ହେବ ।

**ଅଧକ୍ଷା, ମୋ ସ୍କୁଲ ଅଭିଯାନ**






# ସ୍କୁଲ୍ କହୁଛି ସଫଳତାର କଥା

# ଗାନ୍ଧିଜୀ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, କଟକ

## ସବୁଜ ସଂକଳ୍ପର ବାର୍ତ୍ତା ଦେଉଛି ସରକାରୀ ବିଦ୍ୟାଳୟ



ବିଦ୍ୟାଳୟ, ଯେଉଁଠି ପଢ଼ିଥାଏ ଛାତ୍ରଛାତ୍ରୀମାନଙ୍କ ଭବିଷ୍ୟତ ଓ ଚରିତ୍ର ଗଠନର ମୂଳଦୁଆ। ଗଢ଼ାଯାଇଥାନ୍ତି ଭବିଷ୍ୟତ ନାଗରିକ ଓ ପରିବର୍ତ୍ତନର ବାର୍ତ୍ତାବହ। ସେଥିପାଇଁ ବିଦ୍ୟାଳୟକୁ ଶ୍ରେଷ୍ଠକରି ଗଢ଼ି ତୋଳିବା ସମସ୍ତଙ୍କର ଦାୟିତ୍ୱ। ଏହାକୁ ହୃଦୟଙ୍ଗମ କରି କଟକ ଜିଲ୍ଲା ଗାନ୍ଧିଜୀ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପୁରାତନ ଛାତ୍ରଛାତ୍ରୀ ନିଜେ ପଢ଼ିଥିବା ସ୍କୁଲ୍‌ର ବିକାଶ କରିବାକୁ ଆଗେଇ ଆସିଥିଲେ।

କଟକ ଜିଲ୍ଲା ଟାଙ୍ଗି-ଚୌଦ୍ୱାର ବ୍ଲକ୍‌ରେ ରହିଥିବା ଏହି ସ୍କୁଲ୍ ୧୯୭୪ ମସିହାରେ ସ୍ଥାପିତ ହୋଇଥିଲା। ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପ୍ରାୟ ୧୯୦ ଜଣ ଛାତ୍ରଛାତ୍ରୀ ଏଠାରେ ଶିକ୍ଷାଗ୍ରହଣ କରୁଥିବା ବେଳେ ୬ଜଣ ଶିକ୍ଷକ-ଶିକ୍ଷୟିତ୍ରୀ ରହିଛନ୍ତି। ୨୦୨୧ ମସିହାରେ ରାଜ୍ୟ ସରକାରଙ୍କ ‘ମୋ ସ୍କୁଲ ଅଭିଯାନ’ କାର୍ଯ୍ୟକ୍ରମରେ ଏହି ସ୍କୁଲ୍ ଅନ୍ତର୍ଭୁକ୍ତ ହେବାପରେ ପୁରାତନ ଛାତ୍ରଛାତ୍ରୀମାନେ ସ୍କୁଲ୍‌ର ସର୍ବାଙ୍ଗୀନ ବିକାଶ କରିବାକୁ ଆଗେଇ ଆସିଥିଲେ। ବିଦ୍ୟାଳୟ ଚାରିକାନ୍ଥ ମଧ୍ୟରେ ଶିକ୍ଷାଦାନକୁ ସୀମିତ ନ ରଖି ଏହାର ପରିସରକୁ ଯଦି ସରସ ସୁନ୍ଦର କରି ଶୈକ୍ଷିକ ବାତାବରଣ ସୃଷ୍ଟି କରାଯାଏ ତା’ ହେଲେ ପିଲାମାନଙ୍କର ପାଠ ପ୍ରତି ଆଗ୍ରହ ବଢ଼ିବ। ତେଣୁ ସମସ୍ତଙ୍କ ସହଯୋଗରେ ବିଦ୍ୟାଳୟର ରୂପରେଖ ପରିବର୍ତ୍ତନ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ସବୁଜ ସୁନ୍ଦର ପରିବେଶ ପିଲାମାନଙ୍କ ପାଇଁ ମୁଖ୍ୟ ଆକର୍ଷଣ ପାଲଟିଥିଲା।

‘ମୋ ସ୍କୁଲ୍ ଅଭିଯାନ’ ଅଧୀନରେ ପୁରାତନ ଛାତ୍ରଛାତ୍ରୀ ତଥା ଅଭିଭାବକଙ୍କ ମିଳିତ ସହଯୋଗରେ ୨ଲକ୍ଷ ୫୩ହଜାର ଟଙ୍କାର ଆର୍ଥିକ ସହାୟତା ରାଶି ପ୍ରଦାନ କରାଯାଇଥିଲା । ଏହାସହ ରାଜ୍ୟ ସରକାରଙ୍କ ଦୁଇଗୁଣା ଆର୍ଥିକ ଅନୁଦାନକୁ ମିଶାଇ ମୋଟ ୭ଲକ୍ଷ ୫୯ହଜାର ଟଙ୍କାରେ ବିଦ୍ୟାଳୟ ଭିତ୍ତିଭୂମିରେ ପରିବର୍ତ୍ତନ ସହ ଅନେକ ବିକାଶମୂଳକ କାର୍ଯ୍ୟ କରାଯାଇଛି।

ପୁରାତନ ଛାତ୍ରଛାତ୍ରୀମାନେ ସବୁ ସୁବିଧା ଅସୁବିଧାରେ ବିଦ୍ୟାଳୟକୁ ସାହାଯ୍ୟ କରୁଛନ୍ତି । ସ୍କୁଲ୍ ପ୍ରତିଷ୍ଠା ସମୟରେ ସହଯୋଗ କରିଥିବା କିଛି ବ୍ୟକ୍ତିବିଶେଷ ଏବେ ବି ପ୍ରାପ୍ତ ବୟସରେ ବିଦ୍ୟାଳୟକୁ ଆସିବା ସହ ବିଦ୍ୟାଳୟ ସୁପରିଚାଳନାରେ ନିଜ ମୂଲ୍ୟବାନ ମତ ଦେଉଛନ୍ତି। କେବଳ ସେତିକି ନୁହେଁ, ବିଦ୍ୟାଳୟ ପରିସରକୁ ସବୁଜ ସୁନ୍ଦର କରିବା ପାଇଁ ପୁରାତନ ଛାତ୍ରଛାତ୍ରୀଙ୍କ ପଦକ୍ଷେପ ବାସ୍ତବରେ ପ୍ରଶଂସନୀୟ । କରୋନା ମହାମାରୀ ସମୟରେ ସ୍କୁଲ କ୍ୟାମ୍ପସ୍‌ରେ ଗଛ ଲଗାଇବା ସହ ନିୟମିତ ତା’ର ଯତ୍ନ ମଧ୍ୟ ନିଆଯାଉଥିଲା। ଏହି ସମସ୍ତ କାର୍ଯ୍ୟର ସିଧାସଳଖ ପ୍ରଭାବ ପଡ଼ିଛି ଛାତ୍ରଛାତ୍ରୀଙ୍କ ଉପସ୍ଥାନ ଓ ନାମଲେଖା ଉପରେ । ପ୍ରଧାନଶିକ୍ଷକ ଶ୍ରୀ ତ୍ରିଲୋଚନ ରାଉତଙ୍କ ମତରେ ଅଧିକରୁ ଅଧିକ ପିଲା ସ୍କୁଲ୍‌ରେ ନାମ ଲେଖାଉଥିଲା ବେଳେ ସୁନ୍ଦର କ୍ୟାମ୍ପସ ପାଇଁ ଶିକ୍ଷାର୍ଥୀମାନେ ନିୟମିତ ବିଦ୍ୟାଳୟକୁ ମଧ ଆସୁଛନ୍ତି।









# ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଟାଲ, ବରଗଡ଼


















## ପ୍ରତିଦିନ ଆସି ଶିକ୍ଷାଦାନ କରନ୍ତି ପୁରାତନ ଛାତ୍ର

ବରଗଡ଼ ଜିଲ୍ଲା ବିଜୁ ଏକ୍ସପ୍ରେସ୍ ରାଜପଥରେ ଗଲେ ପଦ୍ମପୁର ନିକଟରେ ପଡ଼େ ଟାଲ ଗ୍ରାମ । ଜିଲ୍ଲା ସଦର ମହକୁମାଠାରୁ ୫୨କି.ମି. ଦୂରରେ ଅବସ୍ଥିତ ଏହି ଗାଁରେ ରହିଛି ଟାଲ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ । ଏଠାରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ୧୦୮ଜଣ ଛାତ୍ରଛାତ୍ରୀଙ୍କୁ ଶିକ୍ଷାଦାନ କରୁଛନ୍ତି ୬ଜଣ ଶିକ୍ଷକ, ଶିକ୍ଷୟିତ୍ରୀ । ସ୍ୱାଧୀନତାର ବହୁ ବର୍ଷ ପୂର୍ବରୁ ଅର୍ଥାତ୍ ୧୯୨୮ ମସିହାରେ ସ୍ଥାପିତ ହୋଇଥିବା ଏହି ପୁରାତନ ବିଦ୍ୟାଳୟକୁ ୨୦୨୧ ମସିହାରେ ପୋଷ୍ୟଗ୍ରହଣ କରିଥିଲେ ଏହାର ପୁରାତନ ଛାତ୍ର ମହେନ୍ଦ୍ର ବଡ଼ାଇ । ପୁରାତନ ଛାତ୍ର ସଂଗଠନ, ସମସ୍ତ ଶିକ୍ଷକ-ଶିକ୍ଷୟିତ୍ରୀ ଏବଂ ଗ୍ରାମବାସୀଙ୍କ ପ୍ରଚେଷ୍ଟାରେ ସେହି ବର୍ଷ ସ୍କୁଲଟି 'ମୋ ସ୍କୁଲ ଅଭିଯାନ'ରେ ଅନ୍ତର୍ଭୁକ୍ତ ହୋଇଥିଲା ।

ଗାଁ ସ୍କୁଲ୍ ପାଇଁ ଦିନେ ଅନେକ କିଛି କରିବାର ସ୍ୱପ୍ନ ଦେଖିଥିବା ଗ୍ରାମବାସୀ ଓ ପୁରାତନ ଛାତ୍ରଛାତ୍ରୀଙ୍କ ସ୍ୱପ୍ନକୁ ବାସ୍ତବ ରୂପ ଦେବାରେ ସାହାଯ୍ୟ କରିଥିଲା 'ମୋ ସ୍କୁଲ ଅଭିଯାନ' । ସମସ୍ତେ ମିଳିମିଶି ବିଦ୍ୟାଳୟର ସର୍ବାଙ୍ଗୀନ ଉନ୍ନତି ପାଇଁ ଆଗେଇ ଆସିଲେ । ନିଜର ଶକ୍ତି ଓ ସାମର୍ଥ୍ୟ ଅନୁସାରେ ଅର୍ଥରାଶି ସଂଗ୍ରହ କରି ମୋଟ ୧୦ଲକ୍ଷ ୧୬ହଜାର ଟଙ୍କାର ଆର୍ଥିକ ସହାୟତା ମୋ ସ୍କୁଲ ମାଧ୍ୟମରେ ପ୍ରଦାନ କରିଥିଲେ । ରାଜ୍ୟ ସରକାରଙ୍କ ଦୁଇଗୁଣା ଆର୍ଥିକ ଅନୁଦାନକୁ ମିଶାଇ ମୋଟ ୩୦ଲକ୍ଷ ୪୮ହଜାର ଟଙ୍କାରେ ବିଦ୍ୟାଳୟର ଅନେକ ବିକାଶ ହୋଇପାରିଛି । ନୂତନ ଶ୍ରେଣୀଗୃହ, ଶିକ୍ଷକ ଓ ଛାତ୍ରଛାତ୍ରୀଙ୍କ ପାଇଁ ଆସବାବପତ୍ର, କମ୍ପ୍ୟୁଟର, ଶୌଚାଳୟ ଓ ପାନୀୟ ଜଳର ସୁବିଧା ସହ କ୍ୟାମ୍ପସ୍ ସୌନ୍ଦର୍ଯ୍ୟକରଣ କରାଯାଇଛି । ବାଳକ, ବାଳିକା ଓ ଶିକ୍ଷକ-ଶିକ୍ଷୟିତ୍ରୀଙ୍କ ପାଇଁ ସ୍ୱତନ୍ତ୍ର ଶୌଚାଳୟର ମଧ୍ୟ ବ୍ୟବସ୍ଥା କରାଯାଇଛି । ଉନ୍ନତମାନର ଶୈକ୍ଷିକ ବାତାବରଣ ସାଙ୍ଗକୁ ଶ୍ରେଣୀଗୃହରେ ହ୍ୱାଇଟ୍ ବୋର୍ଡର ବ୍ୟବହାର କରାଯାଉଛି । ପାନୀୟ ଜଳର ସୁବିଧା ନିମନ୍ତେ ପର୍ଯ୍ୟାପ୍ତ ବ୍ୟବସ୍ଥା କରାଯାଇଛି । ଛାତ୍ରଛାତ୍ରୀଙ୍କ ଡିଜିଟାଲ ଦକ୍ଷତା ବୃଦ୍ଧି କରିବା ପାଇଁ କମ୍ପ୍ୟୁଟରର ବ୍ୟବସ୍ଥା ରହିଛି । କ୍ରୀଡ଼ାର ବିକାଶ ପାଇଁ ଏକ ପ୍ରଶସ୍ତ ଖେଳପଡ଼ିଆର ସୁବିଧା ରହିଛି । ପରିଷ୍କାର ରୋଷେଇ ଗୃହ ସାଙ୍ଗକୁ ଖାଇବାଘର ନିର୍ମାଣ କରାଯାଇ ପରିଚ୍ଛନ୍ନତା ଉପରେ ବିଶେଷ ଧ୍ୟାନ ଦିଆଯାଉଛି । ଏହାସହ ସ୍କୁଲ୍ କ୍ୟାମ୍ପସ୍ ସୌନ୍ଦର୍ଯ୍ୟକରଣ ସକାଶେ ଏକ ସୁନ୍ଦର ବଗିଚା ତିଆରି ଚାଲିଛି । କେବଳ ଶ୍ରେଣୀ ଭିତରେ ଶିକ୍ଷାର୍ଥୀମାନେ ଶିକ୍ଷାଲାଭ କରିପାରିବେ ତାହାନୁହେଁ, ବରଂ ଶ୍ରେଣୀଗୃହ ବାହାରେ ବି କିଭଳି ଶିକ୍ଷାଗ୍ରହଣ କରିବେ ସେଥିପାଇଁ ବିଭିନ୍ନ ପ୍ରକାର କାନ୍ଥଚିତ୍ର ସାଙ୍ଗକୁ ବାଲା ପେଣ୍ଟିଂର ବ୍ୟବହାର ଉପରେ ଗୁରୁତ୍ୱ ଦିଆଯାଉଛି ।

ଏହି ସ୍କୁଲର ପୁରାତନ ଛାତ୍ର ତଥା ମୋ ସ୍କୁଲ ଅଭିଯାନର ସଭାପତି ଶ୍ରୀ ମଧୁସୂଦନ ହୋତା ବିଦ୍ୟାଳୟର ଉନ୍ନତି ପାଇଁ ସଦାସର୍ବଦା ଚେଷ୍ଟିତ ଥିବା ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀମତୀ କନକ ନାଏକ କହିଛନ୍ତି । ସରକାରୀ ଚାକିରିରୁ ଅବସର ଗ୍ରହଣ କଲାପରେ ସେ ନିଜେ ବିଦ୍ୟାଳୟକୁ ପ୍ରତିଦିନ ଆସି ଶିକ୍ଷାଦାନ କରୁଛନ୍ତି । ବିଦ୍ୟାଳୟ ପ୍ରତି ତାଙ୍କର ସ୍ନେହ, ସହାନୁଭୂତି ଓ ସଦିଚ୍ଛା ସମସ୍ତଙ୍କୁ ଅନୁପ୍ରାଣିତ କରୁଛି । 'ମୋ ସ୍କୁଲ ଅଭିଯାନ' ଦ୍ୱାରା ଟାଲ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ନବକଳେବର ହୋଇପାରିଛି । ଅନ୍ୟଜଣେ ପୁରାତନ ଛାତ୍ର ଶ୍ରୀ ମହେନ୍ଦ୍ର କୁମାର ବଡ଼ାଇଙ୍କ ଅକ୍ଳାନ୍ତ ପରିଶ୍ରମ ଓ ପ୍ରଚେଷ୍ଟାରେ ନିର୍ମିତ ଶିଶୁସୁଲଭ ଶ୍ରେଣୀଗୃହ ସମସ୍ତଙ୍କୁ ଚକିତ କରିଛି । ସେ ସ୍କୁଲ୍‌କୁ ପୋଷ୍ୟ ଭାବରେ ଗ୍ରହଣ କରିବା ପରେ ନିଜ ସ୍କୁଲ୍‌କୁ ଏକ ଶ୍ରେଷ୍ଠ ସ୍କୁଲ୍ ଭାବରେ ଗଢ଼ି ତୋଳିବାକୁ ପ୍ରତିଜ୍ଞା ନେଇଛନ୍ତି ।

# ମୁକ୍ତେଶ୍ୱର ପ୍ରାଥମିକ ବିଦ୍ୟାଳୟ, ବାଲିସୁକ୍ରୀ, କଟକ




## ସ୍କୁଲ୍‌ର ମେରୁଦଣ୍ଡ ସାଜିଛନ୍ତି ପୁରାତନ ଛାତ୍ରଛାତ୍ରୀ

ମୁକ୍ତେଶ୍ୱର ସରକାରୀ ପ୍ରାଥମିକ ବିଦ୍ୟାଳୟ । କଟକ ଜିଲ୍ଲା କିଶୋରନଗର ଗ୍ରାମ ପଞ୍ଚାୟତ ଅଧୀନସ୍ଥ ବାଲିସୁକ୍ରୀ ଗାଁର ଏକ ପ୍ରାଥମିକ ସ୍କୁଲ। ୧୯୫୪ ମସିହାରେ ସ୍ଥାପିତ ଏହି ସ୍କୁଲ ସ୍ଥାନୀୟ ମୁକ୍ତେଶ୍ୱର ମନ୍ଦିର ପ୍ରାଙ୍ଗଣରୁ ଆରମ୍ଭ ହୋଇଥିଲା । ଆଗାମୀ ଭବିଷ୍ୟତକୁ ଶିକ୍ଷିତ କରିବା ଲକ୍ଷ୍ୟରେ କିଛି ସ୍ଥାନୀୟ ବାସିନ୍ଦାଙ୍କ ପ୍ରଚେଷ୍ଟାରେ ବିଦ୍ୟାଳୟଟି ନିର୍ମାଣ ହୋଇଥିଲା। ଏଠାରୁ ଅନେକ ଛାତ୍ରଛାତ୍ରୀଙ୍କ ଶିକ୍ଷା ଜୀବନର ମୂଳଦୁଆ ପଡ଼ିଛି । ପ୍ରଥମରୁ ପଞ୍ଚମଶ୍ରେଣୀ ପର୍ଯ୍ୟନ୍ତ ପାଠପଢ଼ା ଭିତରେ ଉଚ୍ଚଶିକ୍ଷା ପାଇଁ ଏହି ସ୍କୁଲ ଅନେକଙ୍କୁ ପ୍ରେରଣା ଯୋଗାଇଛି ।

ଏହି ବିଦ୍ୟାଳୟରେ ପାଠପଢ଼ି ସମାଜରେ ପ୍ରତିଷ୍ଠା ଲାଭ କରିଥିବା ବ୍ୟକ୍ତିତ୍ୱମାନେ ଆଜି ସ୍କୁଲର ସୁବିଧା-ଅସୁବିଧାରେ ସାହାଯ୍ୟର ହାତ ବଢ଼ାଉଛନ୍ତି। ରାଜ୍ୟ ସରକାରଙ୍କ ‘ମୋ ସ୍କୁଲ୍ ଅଭିଯାନ’ କାର୍ଯ୍ୟକ୍ରମ ମାଧ୍ୟମରେ ପୁରାତନ ଛାତ୍ରଛାତ୍ରୀମାନେ ନିଜ ସ୍କୁଲ୍ ସହ ଯୋଡ଼ି ହୋଇ ବିଦ୍ୟାଳୟ ବିକାଶ ପ୍ରକ୍ରିୟାରେ ଯୋଗଦାନ କରିଛନ୍ତି । ବିଦ୍ୟାଳୟର ସର୍ବାଙ୍ଗୀନ ବିକାଶ ପାଇଁ ସମସ୍ତେ ମିଶି ୧୬ଲକ୍ଷ ୧୧ହଜାର ଟଙ୍କାର ଆର୍ଥିକ ସହାୟତା ମଧ୍ୟ ପ୍ରଦାନ କରିଛନ୍ତି । ଏହାସହ ରାଜ୍ୟ ସରକାରଙ୍କ ଦୁଇଗୁଣା ଆର୍ଥିକ ଅନୁଦାନକୁ ମିଶାଇ ମୋଟ ୪୮ଲକ୍ଷ ୩୩ହଜାର ଟଙ୍କାରେ ବିଦ୍ୟାଳୟରେ ଅତ୍ୟାଧୁନିକ ଭିତ୍ତିଭୂମି ନିର୍ମାଣ କରାଯାଉଛି । ୬ଟି ନୂତନ ଶ୍ରେଣୀଗୃହ ସହ ସ୍କୁଲ୍ ପରିସରର ସୌନ୍ଦର୍ଯ୍ୟକରଣ କରାଯାଉଛି । ପ୍ରତ୍ୟେକଟି କାମ ପୁରାତନ ଛାତ୍ରସଂସଦର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କରାଯାଉଛି । କେବଳ ପୁରାତନ ଛାତ୍ରଛାତ୍ରୀ ନୁହଁନ୍ତି, ମୁକ୍ତେଶ୍ୱର ସରକାରୀ ପ୍ରାଥମିକ ବିଦ୍ୟାଳୟର ଉନ୍ନତିକରଣରେ ସ୍ଥାନୀୟ ବାସିନ୍ଦା ଓ ଅଭିଭାବକଙ୍କ ଅବଦାନ ମଧ୍ୟ ପ୍ରଶଂସାଯୋଗ୍ୟ । ଏହାସହ ବର୍ତ୍ତମାନର ପ୍ରଧାନ ଶିକ୍ଷୟିତ୍ରୀ ସାବିତ୍ରୀ ବେହେରା ନିଜେ ମଧ୍ୟ ସେହି ବିଦ୍ୟାଳୟର ଜଣେ ପୁରାତନ ଛାତ୍ରୀ । ନିଜେ ପଢ଼ିଥିବା ବିଦ୍ୟାଳୟରେ ପ୍ରଧାନ ଶିକ୍ଷୟିତ୍ରୀ ହୋଇ ସେହି ସ୍କୁଲ ପାଇଁ କାମ କରିବାର ସୁଯୋଗ ପାଇଥିବାରୁ ଶ୍ରୀମତୀ ବେହେରା ବହୁତ ଆନନ୍ଦିତ ।

ପୁରାତନ ଛାତ୍ରଛାତ୍ରୀମାନେ ଆର୍ଥିକ ସହାୟତା ସହ ସମୟ ଓ ଶ୍ରମଦାନ କରି ସ୍କୁଲ୍‌ର ବିକାଶ ପ୍ରକ୍ରିୟାରେ ନିଜକୁ ଅନ୍ତର୍ଭୁକ୍ତ କରିପାରିଛନ୍ତି । ସ୍ୱେଚ୍ଛାକୃତ ଭାବରେ ପିଲାମାନଙ୍କୁ ପାଠପଢ଼ାଉଛନ୍ତି । ଗଣେଶ ପୂଜାଠାରୁ ଆରମ୍ଭ କରି ସ୍ୱାଧୀନତା ଦିବସ ପର୍ଯ୍ୟନ୍ତ, ସବୁ ବିଶେଷ ଦିନରେ ବିଦ୍ୟାଳୟକୁ ଆସି ନିଜ ଅବଦାନରେ ପିଲାମାନଙ୍କ ପାଇଁ ଉନ୍ନତ ଶୈକ୍ଷିକ ବାତାବରଣ ସୃଷ୍ଟି କରିପାରୁଛନ୍ତି । ହଜାର ହଜାର ପୁରାତନ ଛାତ୍ରଛାତ୍ରୀ ଓ ସ୍ଥାନୀୟ ବାସିନ୍ଦାଙ୍କ ଉଦ୍ୟମରେ ଆଜି ମୁକ୍ତେଶ୍ୱର ସରକାରୀ ପ୍ରାଥମିକ ବିଦ୍ୟାଳୟ ସ୍ଥାନୀୟ ଅଞ୍ଚଳ ପାଇଁ ଉଦାହରଣ ସୃଷ୍ଟିକରିଛି ।



# ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ସୂର୍ଯ୍ୟମଣିପୁର






ଓଡ଼ିଶାର ଶେଷ ସୀମା ବରଗଡ଼ ଜିଲ୍ଲାର ଏକ ଉପାନ୍ତ ବ୍ଲକ ହେଉଛି ଝାରବନ୍ଧ। ଅଧା ଓଡ଼ିଆ, ଅଧା ଅଣଓଡ଼ିଆ ଲୋକଙ୍କୁ ନେଇ ନିଜ ଅଞ୍ଚଳର ଶୈକ୍ଷିକ ଭିତ୍ତିଭୂମିକୁ ସୁଦୃଢ଼ କରିବା ପାଇଁ ଅଣ୍ଟା ଭିଡ଼ିଥିଲା ଏହି ବ୍ଲକ୍‌ର ଏକ ଛୋଟ ଗାଁ ସୂର୍ଯ୍ୟମଣିପୁର । ଗାଁ ଲୋକଙ୍କ ଉଦ୍ୟମ ତଥା ସରକାରଙ୍କ ସହାୟତାରେ ୧୯୬୧ ମସିହାରେ ସ୍ଥାପିତ ହୋଇଥିଲା ସୂର୍ଯ୍ୟମଣିପୁର ପ୍ରାଥମିକ ବିଦ୍ୟାଳୟ । ଏକ ଚାଳ ଛପର ପ୍ରକୋଷ୍ଠ, ଦୁଇ ଜଣ ଶିକ୍ଷକ ଓ କେଇ ଜଣ ଛାତ୍ରଛାତ୍ରୀଙ୍କୁ ନେଇ ଆରମ୍ଭ ହୋଇଥିଲା ପାଠପଢ଼ା। ସ୍ୱପ୍ନ ଥିଲା ସୂର୍ଯ୍ୟମଣିପୁର ନାଁକୁ ସାର୍ଥକ କରିବା । ସତକୁ ସତ ବହୁ ବିଶିଷ୍ଟ ବ୍ୟକ୍ତିବିଶେଷଙ୍କ ମୂଳଦୁଆ ପଡ଼ିଥିଲା ଏହି ବିଦ୍ୟାଳୟର ଖଡ଼ି-ସିଲଟର ସ୍ପର୍ଶରେ।

ପ୍ରଗତିକୁ ପାଥେୟ କରି ଗୋଟିଏ ପରେ ଗୋଟିଏ ସ୍ୱପ୍ନକୁ ପୂରଣ କରି ଆଗେଇ ଚାଲିଥିବା ଏହି ବିଦ୍ୟାଳୟ ପାଇଁ ସବୁବେଳେ ଅର୍ଥର ଆବଶ୍ୟକତା ରହୁଥିଲା । ୨୦୦୮ ମସିହାରେ ପ୍ରାଥମିକରୁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ଉନ୍ନୀତ ହେବାପରେ ବିଦ୍ୟାଳୟରେ ଭିତ୍ତିଭୂମି ସମସ୍ୟା ମୁଣ୍ଡ ଟେକିଥିଲା । କିନ୍ତୁ ପିଲାମାନଙ୍କ ପଠପଢ଼ାରେ କୌଣସି ବାଧା ସୃଷ୍ଟି ହୋଇ ନ ଥିଲା । ୨୦୧୮ ମସିହାରେ ରାଜ୍ୟ ସରକାରଙ୍କ ଅଭିନବ ପ୍ରୟାସ 'ମୋ ସ୍କୁଲ ଅଭିଯାନ' କାର୍ଯ୍ୟକ୍ରମରେ ଅନ୍ତର୍ଭୁକ୍ତ ହୋଇଥିଲା ସୂର୍ଯ୍ୟମଣିପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ । ଏହାପରେ ବିଦ୍ୟାଳୟ ଭିତ୍ତିଭୂମି ଏବଂ ଶୈକ୍ଷିକ ବାତାବରଣରେ ଅନେକ ପରିବର୍ତ୍ତନ ଆସିଛି। ପୁରାତନ ଛାତ୍ରଛାତ୍ରୀ ତଥା ସ୍ଥାନୀୟ ବାସିନ୍ଦାଙ୍କ ଆର୍ଥିକ ସହାୟତା ସହ ରାଜ୍ୟ ସରକାରଙ୍କ ଦୁଇଗୁଣା ଆର୍ଥିକ ଅନୁଦାନକୁ ମିଶାଇ ମୋଟ ୨୪ଲକ୍ଷ ୭ହଜାର ଟଙ୍କାରେ ବିଦ୍ୟାଳୟରେ ଅଭୁତପୂର୍ବ ବିକାଶ ହୋଇଛି । ଅତିରିକ୍ତ ଶ୍ରେଣୀଗୃହ, ପ୍ରତି ଶ୍ରେଣୀରେ ଡୁଆଲ୍ ଡେସ୍କ-ବେଞ୍ଚର ବ୍ୟବସ୍ଥା, ସ୍କୁଲ୍ କାନ୍ଥରେ ବିଭିନ୍ନ ଶିକ୍ଷଣୀୟ ଚିତ୍ର, ଶିଶୁ ସୁଲଭ ଉପକରଣ, ସ୍ମାର୍ଟ କ୍ଲାସ୍‌ରୁମ୍, ଶୈକ୍ଷିକ ଉପକରଣ, କମ୍ପ୍ୟୁଟର ଆଦିର ବ୍ୟବସ୍ଥା କରାଯାଇଛି। ଏହାସହ ମିଟିଂ ହଲ୍, ବିଦ୍ୟାଳୟ କ୍ୟାମ୍ପସ୍ ସୌନ୍ଦର୍ଯ୍ୟକରଣ, ଛାତ୍ର ଓ ଛାତ୍ରୀଙ୍କ ପାଇଁ ପୃଥକ୍ ଶୌଚାଳୟ, ସାଇକେଲ ଷ୍ଟାଣ୍ଡ୍ ଓ ଟାଇଲ୍ ଚଟାଣ ସ୍କୁଲ ପରିସରର ଶୋଭା ବର୍ଦ୍ଧନ କରିବା ସହ ପିଲାମାନଙ୍କ ଉପସ୍ଥାନ ବୃଦ୍ଧିରେ ସହାୟକ ହେଉଛି।

**ପ୍ରକୃତି ମିତ୍ର, ଜିଲ୍ଲାର ଶ୍ରେଷ୍ଠ ମଧ୍ୟାହ୍ନ ଭୋଜନ ବିଦ୍ୟାଳୟ ଓ ରାଜ୍ୟସ୍ତରୀୟ ସ୍ୱଚ୍ଛ ବିଦ୍ୟାଳୟ ପୁରସ୍କାର ପାଇବାର ସୌଭାଗ୍ୟ ପାଇଛି ଏହି ବିଦ୍ୟାଳୟ।**

କ୍ରମାଗତ ଭାବରେ ଛାତ୍ରବୃତ୍ତି, ଏନ୍ଏମଏମଏସ୍, ପଠାଣିସାମନ୍ତ ମେଧାବୃତ୍ତି, ଓଏଭି ପ୍ରବେଶିକା ପରୀକ୍ଷାରେ ଛାତ୍ରଛାତ୍ରୀମାନଙ୍କର କୃତିତ୍ୱ ଏହି ବିଦ୍ୟାଳୟ ପ୍ରଗତିର ଏକ ଦୃଷ୍ଟାନ୍ତ।

# ସାହାଡ଼ା ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ବସ୍ତା, ବାଲେଶ୍ୱର

୧୯୨୭ ମସିହାରେ ହୃଷିକେଶ ଦାଶଙ୍କ ପ୍ରଚେଷ୍ଟାରେ ସ୍ଥାପିତ ହୋଇଥିବା ସାହାଡ଼ା ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ବିକାଶର ମଙ୍ଗ ଧରିଛନ୍ତି ପୁରାତନ ଛାତ୍ରଛାତ୍ରୀ କମିଟି ଓ ସ୍ଥାନୀୟ ବାସିନ୍ଦା। ସେତେବେଳେ ସ୍ୱତଃପ୍ରବୃତ୍ତ ଭାବରେ କିଛି ଗାଁ ଲୋକଙ୍କ ସହାୟତାରେ ଶ୍ରୀଯୁକ୍ତ ଦାଶ ବିଦ୍ୟାଳୟ ପାଇଁ ଇଟା, ବାଲି ବୋହି ନିଜ ହାତରେ ସ୍କୁଲ୍ ଘର ତିଆରି କରିଥିଲେ । ଆଉ ଏବେ, ୨୦୨୧ ମସିହାରେ ରାଜ୍ୟ ସରକାରଙ୍କ 'ମୋ ସ୍କୁଲ୍ ଅଭିଯାନ' ଜରିଆରେ ସ୍ଥାନୀୟ ଲୋକ ଓ ପୁରାତନ ଛାତ୍ରଛାତ୍ରୀ ମିଳିମିଶି ବିଦ୍ୟାଳୟ ବିକାଶ ପ୍ରକ୍ରିୟାରେ ନିଜକୁ ଯୋଡ଼ିଛନ୍ତି।

## ୬୦୦ ସିଟ୍ ବିଶିଷ୍ଟ ଅଡିଟୋରିୟମ୍ ପ୍ରତିଷ୍ଠା କରିଛନ୍ତି ପୁରାତନ ଛାତ୍ରଛାତ୍ରୀ

ବାଲେଶ୍ୱର ଜିଲ୍ଲା ସଦର ମହକୁମାଠାରୁ ୩୫ କିଲୋମିଟର ଓ ବସ୍ତା ବ୍ଲକ୍‌ଠାରୁ ୧୫ କିଲୋମିଟର ଦୂରରେ ସାହାଡ଼ା ଗାଁରେ ରହିଛି ଏହି ସ୍କୁଲ୍ । ଏଠାରେ ବର୍ତ୍ତମାନ ୭ଜଣ ଶିକ୍ଷକ-ଶିକ୍ଷୟିତ୍ରୀ ରହିଥିବା ବେଳେ ପ୍ରଥମରୁ ଅଷ୍ଟମଶ୍ରେଣୀ ପର୍ଯ୍ୟନ୍ତ ମୋଟ ୩୨୨ ଛାତ୍ରଛାତ୍ରୀ ପାଠ ପଢୁଛନ୍ତି । ତେବେ ଗତ ୩ବର୍ଷ ଭିତରେ ବିଦ୍ୟାଳୟରେ ଅନେକ ବିକାଶ ହେବା ସହ ଶୈକ୍ଷିକ ବାତାବରଣରେ ଅଭୂତପୂର୍ବ ପରିବର୍ତ୍ତନ ଘଟିଥିବା ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରାଧାଗୋବିନ୍ଦ ମଲ୍ଲିକ କହିଛନ୍ତି। ବିଦ୍ୟାଳୟର ପୁରାତନ ଛାତ୍ରଛାତ୍ରୀଙ୍କଠାରୁ ଆରମ୍ଭକରି ଅଭିଭାବକ, ସ୍ଥାନୀୟ ବାସିନ୍ଦା, ଶିକ୍ଷକ-ଶିକ୍ଷୟିତ୍ରୀ- ସମସ୍ତେ ସ୍କୁଲର ବିକାଶ ପାଇଁ ଏକଜୁଟ ହୋଇଛନ୍ତି। 'ମୋ ସ୍କୁଲ୍ ଅଭିଯାନ'ରେ ଅନ୍ତର୍ଭୁକ୍ତ ହେବା ପରେ ସମସ୍ତଙ୍କ ମିଳିତ ସହଯୋଗରେ ୮୨ଲକ୍ଷ ୪୮ ହଜାର ଟଙ୍କାର ଆର୍ଥିକ ସହାୟତା ସଂଗ୍ରହ କରାଯାଇଛି। ଏଥିସହ ରାଜ୍ୟ ସରକାରଙ୍କ ଦୁଇଗୁଣା ଆର୍ଥିକ ସହାୟତା ରାଶିକୁ ମିଶାଇ ମୋଟ ୧ କୋଟି ୨୩ ଲକ୍ଷ ୭୨ହଜାର ଟଙ୍କାରେ ସ୍କୁଲରେ ବିଭିନ୍ନ ବିକାଶମୂଳକ କାର୍ଯ୍ୟ କରାଯାଉଛି।

ପୁରାତନ ଛାତ୍ର ସଂସଦର ସଭାପତି ଶ୍ରୀଯୁକ୍ତ ରମେଶ ଚନ୍ଦ୍ର ଦାସ ନିଜେ ବିଦ୍ୟାଳୟ ଭିତ୍ତିଭୂମି ବିକାଶର ସମସ୍ତ କାର୍ଯ୍ୟ ତଦାରଖ କରୁଛନ୍ତି । ଶ୍ରେଣୀଗୃହ ମରାମତି, ଉନ୍ନତ କ୍ରୀଡ଼ା ଉପକରଣ, ଆସବାବପତ୍ର, ପାଠାଗାର, ସ୍କୁଲ୍ ଫାଟକ, ଉନ୍ନତମାନର ଶୌଚାଳୟ, ଇଣ୍ଟରନାଲ ପାଥ୍‌ୱେ, ମଧ୍ୟାହ୍ନ ଭୋଜନ ବାସନକୁସନ, ରୋଷେଇଘର ଏଭଳି ଅନେକ ବିକାଶମୂଳକ କାର୍ଯ୍ୟ କରାଯାଇଛି। ଏହାସହ ନୂତନ କ୍ଲାସରୁମ୍, ଷ୍ଟାଫ୍ କମନ୍ ରୁମ୍ ମଧ ନିର୍ମାଣ କରାଯାଇଛି । କେବଳ ସେତିକି ନୁହେଁ, 'ମୋ ସ୍କୁଲ୍ ଅଭିଯାନ' ଅଧୀନରେ ୬୦୦ ସିଟ୍ ବିଶିଷ୍ଟ ଏକ ଅଡିଟୋରିୟମ୍ ମଧ୍ୟ ପ୍ରତିଷ୍ଠା କରିଛନ୍ତି ସ୍କୁଲର ପୁରାତନ ଛାତ୍ରଛାତ୍ରୀ, ଯେଉଁଠାରେ ପିଲାମାନେ ପାଠ ସହ ବିଭିନ୍ନ ପ୍ରକାର ସହପାଠ୍ୟଭିତ୍ତିକ କାର୍ଯ୍ୟକ୍ରମର ଆୟୋଜନ କରିପାରୁଛନ୍ତି। ଏହି ସ୍କୁଲ 'ମୋ ସ୍କୁଲ ଅଭିଯାନ'ର ସଫଳତାରେ ଏକ ନୂଆ ଅଧ୍ୟାୟ ଯୋଡ଼ିଛି।














# ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଅସୁରଛାପଲ, ସୁନ୍ଦରଗଡ଼



## ପୁରାତନ ଛାତ୍ରଛାତ୍ରୀଙ୍କ ଅକ୍ଲାନ୍ତ ଚେଷ୍ଟା ହୋଇଛି ଫଳପ୍ରଦ

ପିଲାଟି ପାଇଁ ବିଦ୍ୟାଳୟ ହେଉଛି ଦ୍ୱିତୀୟ ଘର। ମାଆର ପଣତ, ବାପାଙ୍କ ସ୍ନେହ, ଗୁରୁଜନଙ୍କ ଆଦର ଭିତରେ ବଢୁଥିବା ଛୋଟପିଲାଟି ବିଦ୍ୟାଳୟ ପରିବେଶରେ ସେହି ଅନୁଭବ ଖୋଜିଥାଏ। ତେବେ ଏହି ବିକଳ୍ପ ଘରଟିକୁ ପିଲାମାନଙ୍କ ପାଇଁ ଆକର୍ଷଣୀୟ କରିବା ଉଦ୍ଦେଶ୍ୟରେ ନବୀକରଣ ହୋଇଛି ଅସୁରଛାପଲ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ । ଏହା ସଫଳ ହୋଇପାରିଛି ପୁରାତନ ଛାତ୍ରଛାତ୍ରୀଙ୍କ ଅକ୍ଲାନ୍ତ ଚେଷ୍ଟା ଓ ପରିଶ୍ରମ ପାଇଁ । ଏହାର ସୌନ୍ଦର୍ଯ୍ୟ, ଶୈକ୍ଷିକ ବାତାବରଣ ସାଙ୍ଗକୁ ପାଠପଢ଼ାର ଶୈଳୀ ପିଲାମାନଙ୍କୁ ଆକୃଷ୍ଟ କରୁଛି ।

ସୁନ୍ଦରଗଡ଼ ଜିଲ୍ଲା ଲାଠିକଟା ବ୍ଲକ୍ ଅସୁରଛାପଲ ଗାଁର ଏହି ବିଦ୍ୟାଳୟଟି ଏବେ ଜିଲ୍ଲା ତଥା ଜିଲ୍ଲା ବାହାରେ ମଧ୍ୟ ଉଦାହରଣ ପାଲଟିଛି । ପୁରାତନ ଛାତ୍ରଛାତ୍ରୀମାନେ ନିଜ ପିଲାଦିନର ଶିକ୍ଷାନୁଷ୍ଠାନକୁ ଏକ ସ୍ୱତନ୍ତ୍ର ପରିଚୟ ଦେବାକୁ ନିରନ୍ତର ଉଦ୍ୟମ କରୁଛନ୍ତି । ଘର ଘର ବୁଲି ଲୋକମାନଙ୍କୁ ଶିକ୍ଷାର ମହତ୍ତ୍ୱ ବୁଝାଉଛନ୍ତି । ଅଧାରୁ ପାଠ ଛାଡ଼ିଥିବା ପିଲାମାନଙ୍କୁ ପୁଣି ବିଦ୍ୟାଳୟକୁ ଆଣି ତାଙ୍କ ଜୀବନକୁ ଶିକ୍ଷାର ଆଲୋକରେ ଆଲୋକିତ କରୁଛନ୍ତି । କେବଳ ଘରୋଇ ବିଦ୍ୟାଳୟ ନୁହେଁ ସରକାରୀ ବିଦ୍ୟାଳୟରେ ପଢ଼ି ମଧ୍ୟ ଦେଶ ବିଦେଶରେ ନାଁ କରିଥିବା ବ୍ୟକ୍ତିତ୍ୱଙ୍କ ପରିଚୟ ସମସ୍ତଙ୍କ ପାଖରେ ପହଞ୍ଚାଉଛନ୍ତି। ଏହି ମହାନ ଉଦ୍ଦେଶ୍ୟର ନେତୃତ୍ୱ ନେଇଛନ୍ତି ଗାଁର ପୂର୍ବତନ ସରପଞ୍ଚ ତଥା ବିଦ୍ୟାଳୟର ପୁରାତନ ଛାତ୍ର ଶ୍ରୀଯୁକ୍ତ ବିନୋଦ କେର୍‌କେଟା । ସେଥିରେ ତାଙ୍କୁ ସମସ୍ତ ସାହାଯ୍ୟ ସହଯୋଗ ଯୋଗାଇ ଦେଉଛନ୍ତି ବିଦ୍ୟାଳୟର ଶିକ୍ଷକ ତଥା ଏଠାକାର ଆଉଜଣେ ପୁରାତନ ଛାତ୍ର ଶ୍ରୀ ଅହିବର ସିଂ ।



ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଶ୍ରୀ ସୁରେନ୍ଦ୍ର ଦାସ କହିଛନ୍ତି 'ଶିକ୍ଷାର ମାନ ଓ ଗୁଣବତ୍ତାର ସ୍ଥାନ ସବୁଠାରୁ ଉର୍ଦ୍ଧ୍ୱରେ। ଏହାକୁ ଆମର ପୁରାତନ ଛାତ୍ରଛାତ୍ରୀମାନେ ପ୍ରମାଣ କରିପାରିଛନ୍ତି ।' ଶ୍ରମଦାନ, ବ୍ୟକ୍ତିଗତ ସହାୟତା ବ୍ୟତୀତ ସେମାନେ ମିଳିମିଶି ୮ଲକ୍ଷ ୪୫ହଜାର ଟଙ୍କାର ଅର୍ଥରାଶି ମଧ୍ୟ ପ୍ରଦାନ କରିଛନ୍ତି । ଏହାସହ ରାଜ୍ୟ ସରକାରଙ୍କ ଦୁଇଗୁଣା ଆର୍ଥିକ ସହାୟତାକୁ ମିଶାଇ ମୋଟ ୨୫ଲକ୍ଷ ୩୮ହଜାର ଟଙ୍କାରେ ବିଦ୍ୟାଳୟକୁ ନୂଆ ରୂପ ଦିଆଯାଇଛି। ପିଲାମାନଙ୍କ ଶାରୀରିକ, ମାନସିକ, ସାମାଜିକ, ଆବେଗିକ ଓ ନୈତିକ ବିକାଶକୁ ଦୃଷ୍ଟିରେ ରଖି ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଉଛି ।





# ମୋ ସ୍କୁଲ୍ ଖବର

# 'ମୋ ସ୍କୁଲ୍ ଅଭିଯାନ'କୁ ପ୍ରଶଂସା କଲେ ଆନ୍ଧ୍ରପ୍ରଦେଶ ଶିକ୍ଷା ସଚିବ




ବରିଷ୍ଠ ପ୍ରଶାସନିକ ଅଧିକାରୀ ତଥା ଆନ୍ଧ୍ରପ୍ରଦେଶ ଶିକ୍ଷା ବିଭାଗ ଶାସନ ସଚିବ ଶ୍ରୀଯୁକ୍ତ ଏସ୍. ସୁରେଶ କୁମାର ଦୁଇଦିନିଆ ଓଡ଼ିଶା ଗସ୍ତରେ ଆସି ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଏବଂ 'ମୋ ସ୍କୁଲ୍ ଅଭିଯାନ' ରାଜ୍ୟ କାର୍ଯ୍ୟାଳୟ ପରିଦର୍ଶନ କରିଥିଲେ । ଏହି ଅବସରରେ ସେ ଶିକ୍ଷା କ୍ଷେତ୍ରରେ ଉତ୍କର୍ଷତା ଆଣିବା ପାଇଁ ଓଡ଼ିଶା ସରକାର ଗ୍ରହଣ କରିଥିବା ବିଭିନ୍ନ ବିକଶିତ କାର୍ଯ୍ୟକ୍ରମ ସମ୍ପର୍କରେ ପଚାରି ବୁଝିବା ସହ ତାହାର କାର୍ଯ୍ୟକାରିତା ସମ୍ପର୍କରେ ମଧ୍ୟ ଅବଗତ ହୋଇଥିଲେ । ପୁରାତନ ଛାତ୍ରଛାତ୍ରୀ ଓ ସ୍ଥାନୀୟ ଲୋକଙ୍କ ସହଭାଗିତାରେ ଓଡ଼ିଶା କିପରି ସ୍କୁଲ୍ ଶିକ୍ଷା ବିକାଶରେ ପ୍ରମୁଖ ଭୂମିକା ଗ୍ରହଣ କରିଛି ସେହି ସମ୍ପର୍କରେ ପଚାରି ବୁଝିଥିଲେ ।

ଡିଜିଟାଲ୍ ଶିକ୍ଷା ଭିତ୍ତିଭୂମିକୁ ସୁଦୃଢ଼ କରିବାରେ ଓଡ଼ିଶା ନେଇଥିବା ବିଭିନ୍ନ ପଦକ୍ଷେପକୁ ସେ ପ୍ରଶଂସା କରିଥିଲେ । ସରକାରୀ ଏବଂ ସରକାରୀ ଅନୁଦାନପ୍ରାପ୍ତ ଉଚ୍ଚ ବିଦ୍ୟାଳୟ ଭିତ୍ତିଭୂମିର ସର୍ବାଙ୍ଗୀନ ବିକାଶ କରିବାରେ ରାଜ୍ୟ ସରକାରଙ୍କ ବିଦ୍ୟାଳୟ ରୂପାନ୍ତରୀକରଣ କାର୍ଯ୍ୟକ୍ରମ ଏକ ପ୍ରଶଂସା ଯୋଗ୍ୟ ପଦକ୍ଷେପ ବୋଲି ମତବ୍ୟକ୍ତ କରିଥିଲେ । 'ମୋ ସ୍କୁଲ୍ ଅଭିଯାନ' ଦ୍ୱାରା ପରିଚାଳିତ ବିଦ୍ୟାଳୟ ପୋଷ୍ୟଗ୍ରହଣ କାର୍ଯ୍ୟକ୍ରମକୁ ଉତ୍ସାହିତ କରିବା ସହ ଏହି କାର୍ଯ୍ୟକ୍ରମ ବିଷୟରେ ସବିଶେଷ ତଥ୍ୟ ପଚାରି ବୁଝିଥିଲେ । ପୁରାତନ ଛାତ୍ରଛାତ୍ରୀମାନଙ୍କୁ ନିଜ ଶିକ୍ଷାନୁଷ୍ଠାନ ସହ ସଂଯୋଗ କରିବାର ଏହି ପ୍ରୟାସ ତାଙ୍କୁ ବେଶ୍ ପ୍ରଭାବିତ କରିଥିଲା । 'ଆକାଂକ୍ଷୀ' କାର୍ଯ୍ୟକ୍ରମ ମାଧ୍ୟମରେ ଉଚ୍ଚ ବିଦ୍ୟାଳୟ ଛାତ୍ରଛାତ୍ରୀମାନଙ୍କର ଦକ୍ଷତା ବିକାଶ ପାଇଁ ନିଆଯାଉଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ସେ ମଧ୍ୟ ଅବଗତ ହୋଇଥିଲେ ।

'ମୋ ସ୍କୁଲ୍ ଅଭିଯାନ'ର ମୁଖ୍ୟ ପରିଚାଳନା ଅଧିକାରୀ ଶ୍ରୀଯୁକ୍ତ ଅମରଜିତ ଜେନା ଏବଂ ଓ.ଏସ୍.ଡ଼ି. ଡକ୍ଟର ମଣିପ୍ରସାଦ ମିଶ୍ର ପ୍ରମୁଖ ଶ୍ରୀ କୁମାରଙ୍କୁ କାର୍ଯ୍ୟକ୍ରମ ବିଷୟରେ କହିଥିଲେ । ଏହି ଅବସରରେ ତାଙ୍କୁ 'ମୋ ସ୍କୁଲ୍' ପକ୍ଷରୁ ଏକ କଫି ଟେବୁଲ୍ ବୁକ୍ ପ୍ରଦାନ କରାଯାଇଥିଲା ।





# ଛାତ୍ରଛାତ୍ରୀଙ୍କ ସ୍ୱପ୍ନ ପୂରଣ କରିଛି ବିଦ୍ୟାଳୟ ରୂପାନ୍ତରୀକରଣ: ସୁସ୍ମିତା ବାଗ୍‌ଚୀ



- **ରୂପାନ୍ତରିତ ହେବ ରାଜ୍ୟର ୧୦ ହଜାର ପ୍ରାଥମିକ ବିଦ୍ୟାଳୟ**
- **ସ୍କୁଲ୍ କ୍ଲବ୍‌ର ପରିଚାଳନା ଦାୟିତ୍ୱ ନେବେ ପୁରାତନ ଛାତ୍ରଛାତ୍ରୀ**
- **ଛାତ୍ରଛାତ୍ରୀଙ୍କୁ ଅନୁପ୍ରେରିତ କରିବାକୁ ଆରମ୍ଭ ହେବ ପ୍ରେରଣାଦାୟକ ବକ୍ତୃତା ଶୃଙ୍ଖଳା**

ବିଗତ କିଛି ବର୍ଷ ମଧ୍ୟରେ ଓଡ଼ିଶା ସରକାର ଶିକ୍ଷାକ୍ଷେତ୍ରରେ ବ୍ୟାପକ ପୁଞ୍ଜି ବିନିଯୋଗ କରିଛନ୍ତି ଏବଂ ସ୍କୁଲ୍ ଭିତ୍ତିଭୂମି ବିକାଶକୁ ସର୍ବାଧିକ ପ୍ରାଥମିକତା ଦେଇଛନ୍ତି । ବିଦ୍ୟାଳୟ ରୂପାନ୍ତରୀକରଣ ଦ୍ୱାରା ଲକ୍ଷାଧିକ ଛାତ୍ରଛାତ୍ରୀଙ୍କ ସ୍ୱପ୍ନ ପୂରଣ ହୋଇଛି । ରାଜ୍ୟ ସରକାର, ପୁରାତନ ଛାତ୍ରଛାତ୍ରୀ ଓ ସ୍ଥାନୀୟ ଜନସାଧାରଣଙ୍କ ମିଳିତ ସହଯୋଗରେ ସରକାରୀ ସ୍କୁଲର ଶୈକ୍ଷିକ ବାତାବରଣରେ ଅଭୁତପୂର୍ବ ପରିବର୍ତ୍ତନ ଅଣାଯାଇପାରିଛି । ‘ମୋ ସ୍କୁଲ୍ ଅଭିଯାନ’ ଏ ଦିଗରେ ଉଲ୍ଲେଖନୀୟ ସହଯୋଗ ଯୋଗାଇ ଦେଇଛି । ଭବିଷ୍ୟତରେ ମଧ୍ୟ ଏହା ଜାରି ରହିବ ବୋଲି କହିଛନ୍ତି ‘ମୋ ସ୍କୁଲ୍ ଅଭିଯାନ’ ଅଧ୍ୟକ୍ଷା ଶ୍ରୀମତୀ ସୁସ୍ମିତା ବାଗ୍‌ଚୀ ।

୨୦୨୩ ମାର୍ଚ୍ଚ ୨୭ ତାରିଖରେ ଅନୁଷ୍ଠିତ ‘ମୋ ସ୍କୁଲ’ର ୧୦ମ ପରିଚାଳନା ପରିଷଦ ବୈଠକକୁ ସମ୍ବୋଧିତ କରି ଶ୍ରୀମତୀ ବାଗ୍‌ଚୀ କହିଥିଲେ, “ମୋ ସ୍କୁଲର ସଫଳତାର ଗାଥା ପ୍ରତିଟି ବିଦ୍ୟାଳୟ ଓ ଗାଁରେ ପହଞ୍ଚିଛି । ବିଦ୍ୟାଳୟଗୁଡ଼ିକରେ ପଢୁଥିବା ଛାତ୍ରଛାତ୍ରୀ କେବଳ ‘ମୋ ସ୍କୁଲ୍’ ସମ୍ପର୍କରେ ଜାଣୁନାହାନ୍ତି, ବରଂ ଏହାର ସଫଳତାକୁ ମଧ୍ୟ ଅନୁଭବ କରୁଛନ୍ତି । ବିକଶିତ ଭିତ୍ତିଭୂମିର ସୁବିଧା ପାଉଛନ୍ତି ।”

ଉକ୍ତ ବିଦ୍ୟାଳୟଗୁଡ଼ିକର ସଫଳ ରୂପାନ୍ତରୀକରଣ ପରେ ୧୦ ହଜାର ପ୍ରାଥମିକ ବିଦ୍ୟାଳୟର ନବୀକରଣ କରିବାକୁ ଏହି ବୈଠକରେ ନିଷ୍ପତ୍ତି ନିଆଯାଇଥିଲା । ସ୍ଥାନୀୟ କର୍ପୋରେଟ୍ ଓ ଶିଳ୍ପସଂସ୍ଥାଗୁଡିକର ସିଏସ୍ଆର୍ ପାଣ୍ଠି ସହାୟତା ଏବଂ ପୁରାତନ ଛାତ୍ରଛାତ୍ରୀଙ୍କ ସାହାଯ୍ୟରେ ଏହି ସ୍କୁଲ୍‌ଗୁଡ଼ିକର ଭିତ୍ତିଭୂମି ବିକାଶ କରାଯିବ । ପ୍ରାରମ୍ଭିକ ପର୍ଯ୍ୟାୟରେ ସ୍କୁଲ୍‌ଗୁଡ଼ିକର ଭିତ୍ତିଭୂମିର ତଦାରଖ କରାଯାଇ ସ୍କୁଲ୍ ଚୟନ ହେବ ଏବଂ ପରବର୍ତ୍ତୀ ପର୍ଯ୍ୟାୟରେ ମନୋନୀତ ବିଦ୍ୟାଳୟଗୁଡ଼ିକର ସାମଗ୍ରିକ ବିକାଶ କରାଯିବ । ଏହି କାର୍ଯ୍ୟକ୍ରମରେ ପ୍ରତ୍ୟେକ ଛାତ୍ରଛାତ୍ରୀ ଓ ବିଦ୍ୟାଳୟର ସ୍ୱାର୍ଥକୁ ଗୁରୁତ୍ୱ ଦିଆଯିବ । ଆଭ୍ୟନ୍ତରୀଣ ଅଞ୍ଚଳର ପ୍ରାଥମିକ ବିଦ୍ୟାଳୟଗୁଡ଼ିକର ଭିତ୍ତିଭୂମି ବିକାଶରେ ଏହା ବିଶେଷ ସହାୟକ ହେବ ।

ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଶାସନ ସଚିବ ଶ୍ରୀମତୀ ଅଶ୍ୱଥି ଏସ୍. ଏହି ଅବସରରେ କହିଥିଲେ ‘ମୋ ସ୍କୁଲ୍’ ଅଧୀନରେ ହେଉଥିବା ପ୍ରକଳ୍ପଗୁଡ଼ିକର ତଦାରଖର ଆବଶ୍ୟକତା ରହିଛି । ସ୍କୁଲ୍ ଓ ରାଜ୍ୟସ୍ତରରେ ବ୍ୟାପକ ସମୀକ୍ଷା କରିବାକୁ ସେ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ । ପ୍ରତି ଜିଲ୍ଲାରେ ‘ସ୍କୁଲ୍ କ୍ଲବ୍’ର ସୁପରିଚାଳନା ପାଇଁ ଏକ ହଜାର ପୁରାତନ ଛାତ୍ରଛାତ୍ରୀଙ୍କୁ ନେଇ ଏକ କ୍ୟାଡର୍ ଗଠନ କରିବାକୁ ପରିଚାଳନା ପରିଷଦ ବୈଠକରେ ଆଲୋଚନା କରାଯାଇଥିଲା । ଛାତ୍ରଛାତ୍ରୀଙ୍କ ସର୍ବାଙ୍ଗୀନ ବିକାଶ ଦିଗରେ ଏହି କ୍ଲବ୍‌ଗୁଡ଼ିକ କାର୍ଯ୍ୟକରିବା ସହ ବିଭିନ୍ନ ସହପାଠ୍ୟଭିତ୍ତିକ କାର୍ଯ୍ୟକ୍ରମର ପରିଚାଳନା କରିବେ । ଏହି ପ୍ରସ୍ତାବକୁ ପ୍ରଶଂସା କରିବା ସହ ଶ୍ରୀମତୀ ବାଗ୍‌ଚୀ ଏକବିଂଶ ଶତାବ୍ଦୀର ଦକ୍ଷତା ବିକାଶର ଉପାଦାନଗୁଡ଼ିକୁ ‘ଛାତ୍ର କ୍ଲବ୍’ ମାଧ୍ୟମରେ ଅନ୍ତର୍ଭୁକ୍ତ କରିବାକୁ ପରାମର୍ଶ ଦେଇଥିଲେ ।

ମାଧ୍ୟମିକ ବିଦ୍ୟାଳୟଗୁଡ଼ିକରେ ହାଉସ୍ ସିଷ୍ଟମ୍‌କୁ କାର୍ଯ୍ୟକ୍ଷମ କରିବା ଦିଗରେ ‘ମୋ ସ୍କୁଲ୍ ଅଭିଯାନ’ ସମସ୍ତ ସହଯୋଗ ଯୋଗାଇଦେବ । ‘ଆକାଂକ୍ଷୀ’ କାର୍ଯ୍ୟକ୍ରମକୁ ଆହୁରି ସୁଦୃଢ଼ କରିବାକୁ ଖ୍ୟାତନାମା ତଥା ସଫଳ ପୁରାତନ ଛାତ୍ରଛାତ୍ରୀଙ୍କୁ ନେଇ ପ୍ରେରଣାଦାୟକ ବକ୍ତୃତା ଶୃଙ୍ଖଳାର ଆୟୋଜନ କରିବାକୁ ନିଷ୍ପତ୍ତି ନିଆଯାଇଛି । ଛାତ୍ରଛାତ୍ରୀମାନଙ୍କୁ ଅନୁପ୍ରାଣିତ କରିବା

ଲକ୍ଷ୍ୟରେ ଆୟୋଜିତ ହେବାକୁ ଥିବା ଏହି କାର୍ଯ୍ୟକ୍ରମ ପ୍ରତି ସପ୍ତାହରେ ୟୁଟ୍ୟୁବ୍‌ରେ ପ୍ରସାରିତ ହେବ।

ବୈଠକରେ 'ମୋ ସ୍କୁଲ୍' ସଦସ୍ୟ ସଚିବ ତଥା ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ (ଓସେପା) ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀ ଅନୁପମ ସାହା ପ୍ରାରମ୍ଭିକ ସୂଚନା ଓ ଧନ୍ୟବାଦ ପ୍ରଦାନ କରିଥିଲେ। 'ମୋ ସ୍କୁଲ୍ ଅଭିଯାନ' ମୁଖ୍ୟ ପରିଚାଳନା ଅଧିକାରୀ ଶ୍ରୀ ଅମରଜିତ ଜେନା କାର୍ଯ୍ୟକାରୀ ହେଉଥିବା ସମସ୍ତ ପ୍ରକଳ୍ପ ସମ୍ପର୍କରେ ସୂଚନା ଦେଇଥିଲେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଗଞ୍ଜାମ ଜିଲ୍ଲାପାଳ ଶ୍ରୀ ଦିବ୍ୟଜ୍ୟୋତି ପରିଡ଼ା, ଢେଙ୍କାନାଳ ଜିଲ୍ଲାପାଳ ଶ୍ରୀ ସରୋଜ କୁମାର ସେଠୀ, ଖୋର୍ଦ୍ଧା ଏଡିଏମ୍ ଶ୍ରୀ ଏସ୍.ଏମ୍ ପ୍ରଧାନ, ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଉନ୍ନୟନ ବିଭାଗ ନିର୍ଦ୍ଦେଶକ ଶ୍ରୀ ଶ୍ରୀକାନ୍ତ ତରାଇ, ମୋ ସ୍କୁଲ୍ ଅଭିଯାନ ଭାରପ୍ରାପ୍ତ ଅଧିକାରୀ ଡ. ମଣିପ୍ରସାଦ ମିଶ୍ରଙ୍କ ସମେତ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଏବଂ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଉନ୍ନୟନ ବିଭାଗର ପ୍ରତିନିଧି ଉପସ୍ଥିତ ଥିଲେ।

# 'ମୋ ସ୍କୁଲ୍ ଅଭିଯାନ' ପକ୍ଷରୁ ୩ ଦିନିଆ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜିତ




## କୋଡିଂ ଶିକ୍ଷାକୁ ବ୍ୟାପକ କରିବାକୁ ଉଦ୍ୟମ

ରାଜ୍ୟ ସରକାରଙ୍କ 'ମୋ ସ୍କୁଲ୍ ଅଭିଯାନ' ପକ୍ଷରୁ ଏକ ୩ ଦିନିଆ ଶିକ୍ଷକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଫେବୃୟାରୀ ୬ ତାରିଖରେ ଭୁବନେଶ୍ୱରଠାରେ ଆୟୋଜିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବରେ 'ମୋ ସ୍କୁଲ୍ ଅଭିଯାନ' ଅଧ୍ୟକ୍ଷା ଶ୍ରୀମତୀ ସୁସ୍ମିତା ବାଗ୍‌ଚୀ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବା ସହ ସ୍କୁଲସ୍ତରରେ କୋଡିଂ ଶିକ୍ଷାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। 'ମୋ ସ୍କୁଲ୍ ଅଭିଯାନ' ଏହାର 'ଷ୍ଟୁଡେଣ୍ଟ ଆସ୍ପିରେଶନାଲ କାର୍ଯ୍ୟକ୍ରମ' ମାଧ୍ୟମରେ ରାଜ୍ୟର ଉଚ୍ଚ ବିଦ୍ୟାଳୟଗୁଡ଼ିକରେ କୋଡିଂ ଏବଂ ଟିଂକରିଂ ଶିକ୍ଷାକୁ ସର୍ବାଧିକ ଗୁରୁତ୍ୱ ଦେଉଛି। ଏଥିପାଇଁ ଏକାଧିକ ଜାତୀୟ ଓ ଅନ୍ତର୍ଜାତୀୟ ସଂସ୍ଥା ସହଭାଗିତାରେ 'ମୋ ସ୍କୁଲ୍' କାର୍ଯ୍ୟକରୁଛି ବୋଲି ଶ୍ରୀମତୀ ବାଗ୍‌ଚୀ କହିଥିଲେ।

ଆଗାମୀ ଭବିଷ୍ୟତରେ କୋଡିଂର ଆବଶ୍ୟକତା ଓ ଗୁରୁତ୍ୱକୁ ଉପଲବ୍ଧ କରି 'ମୋ ସ୍କୁଲ୍ ଅଭିଯାନ' କୋଡିଂ ଶିକ୍ଷାକୁ ଆହୁରି ବ୍ୟାପକ କରିବାକୁ ଲକ୍ଷ୍ୟ ରଖିଛି। ଏହା ମାଧ୍ୟମରେ ଯେପରି ଛାତ୍ରଛାତ୍ରୀମାନଙ୍କର ଗଣନା ଶୈଳୀ ଓ ସୃଜନଶୀଳତା ବୃଦ୍ଧି ହେବ ତାହାଉପରେ ମଧ୍ୟ ଗୁରୁତ୍ୱ ଦିଆଯାଉଥିବା ସେ କହିଥିଲେ। ୩ଦିନ ଧରି ଚାଲିଥିବା ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ୩୦ଟି ଜିଲ୍ଲାର ବିଜ୍ଞାନ ଶିକ୍ଷକମାନେ ଆଡ୍‌ଭାନ୍ସ କୋଡିଂ ଉପରେ ପ୍ରଶିକ୍ଷଣ ନେଇଥିଲେ। ଆଗାମୀଦିନରେ ସ୍କୁଲସ୍ତରରେ ସ୍ୱତନ୍ତ୍ର ପ୍ରଶିକ୍ଷକଙ୍କ ଦ୍ୱାରା ଛାତ୍ରଛାତ୍ରୀଙ୍କୁ ପ୍ରଶିକ୍ଷିତ କରାଯିବ। ଏହି କାର୍ଯ୍ୟକ୍ରମରେ 'ମୋ ସ୍କୁଲ୍ ଅଭିଯାନ' ମୁଖ୍ୟ ପରିଚାଳନା ଅଧିକାରୀ ଶ୍ରୀ ଅମରଜିତ ଜେନାଙ୍କ ସହ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ। 'ମୋ ସ୍କୁଲ୍ ଅଭିଯାନ' ଓ 'କ୍ୱେଷ୍ଟ ଆଲିଆନ୍ସ'ର ମିଳିତ ସହଯୋଗରେ ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା।



# ଛାତ୍ରଛାତ୍ରୀଙ୍କୁ ଯୌନଶୋଷଣ ନିରୋଧ ସମ୍ବନ୍ଧରେ ସଚେତନ କରିବାର ଆବଶ୍ୟକତା ରହିଛି: ସୁନୀତା କ୍ରିଷ୍ଣନ୍




ପିଲାମାନଙ୍କୁ ଏକ ସୁରକ୍ଷିତ ଶୈଶବ ପ୍ରଦାନ କରିବା ସମସ୍ତଙ୍କର ଦାୟିତ୍ୱ। ସେମାନଙ୍କୁ ଭଲ ଓ ଖରାପ ସ୍ପର୍ଶ ଏବଂ ସୁ-ବ୍ୟବହାର ବିଷୟରେ ଶିଖାଇବା ଅଭିଭାବକ, ସମାଜ, ଶିକ୍ଷାନୁଷ୍ଠାନ ଏବଂ ସରକାରଙ୍କ କର୍ତ୍ତବ୍ୟ। ଉଭୟ ପୁଅ ଓ ଝିଅଙ୍କୁ ଛୋଟବେଳୁ ହିଁ ମାନସିକ ଓ ଶାରୀରିକ ସୁରକ୍ଷା ବିଷୟରେ ବିଦ୍ୟାଳୟସ୍ତରରେ ସଚେତନ କରାଇବା ଉଚିତ। ଯୌନ ଶୋଷଣ, ନିର୍ଯାତନା ଓ ଅପରାଧ ସମ୍ବନ୍ଧରେ ସେମାନଙ୍କୁ ସଚେତନ କରିବା ବର୍ତ୍ତମାନ ସମୟରେ ଜରୁରୀ ହୋଇପଡ଼ିଛି। ପିଲାମାନଙ୍କ ସୁରକ୍ଷା ଓ ନିରାପତ୍ତାକୁ ପ୍ରାଥମିକତା ଦିଆଯାଇ ସ୍କୁଲ ପାଠ୍ୟକ୍ରମରେ ଯୌନ ସଚେତନତା ଅନ୍ତର୍ଭୁକ୍ତ କରିବା ଆବଶ୍ୟକ ବୋଲି ପ୍ରତିଷ୍ଠିତ ସାମାଜିକ କର୍ମୀ ତଥା 'ପ୍ରାଜ୍ୱଳା'ର ସହ ପ୍ରତିଷ୍ଠାତା ଡ. ସୁନୀତା କ୍ରିଷ୍ଣନ୍ କହିଛନ୍ତି। ଫେବୃୟାରୀ ୧୦ ତାରିଖରେ 'ମୋ ସ୍କୁଲ୍ ଅଭିଯାନ' ରାଜ୍ୟ କାର୍ଯ୍ୟାଳୟ ଗସ୍ତକରିବା ଅବସରରେ ସେ 'ମୋ ସ୍କୁଲ୍' ଅଧ୍ୟକ୍ଷା ଶ୍ରୀମତୀ ସୁସ୍ମିତା ବାଗ୍‌ଚୀଙ୍କ ସହ ସାକ୍ଷାତ କରିବା ସହ ଶିକ୍ଷାନୁଷ୍ଠାନରେ ଶିଶୁ ସୁରକ୍ଷା ଉପରେ ଗୁରୁତ୍ୱ ଦେଇଥିଲେ। ଏହି ଅବସରରେ ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଶାସନ ସଚିବ ଶ୍ରୀମତୀ ଅଶ୍ୱଥି ଏସ୍. ଏବଂ 'ମୋ ସ୍କୁଲ୍' ମୁଖ୍ୟ ପରିଚାଳନା ଅଧିକାରୀ ଶ୍ରୀ ଅମରଜିତ ଜେନାଙ୍କ ସହ ମଧ୍ୟ ସେ ଆଲୋଚନା କରିଥିଲେ।

ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଅଧିକାରୀମାନଙ୍କୁ ଉଦ୍‌ବୋଧନ ଦେବା ଅବସରରେ ସେ କହିଥିଲେ, ପିଲାମାନଙ୍କ ପ୍ରତି ଯୌନ ନିର୍ଯାତନାର ଘଟଣା ବଢ଼ିବାକୁ ଲାଗିଛି । ସେହିଭଳି ୧୮ବର୍ଷରୁ କମ୍ ବୟସର ବହୁ ଯୁବତୀଙ୍କୁ ବାହାର ରାଜ୍ୟ ଏବଂ ବିଦେଶକୁ ଚାଲାଣ କରାଯାଉଛି। ସାମାନ୍ୟ ଅର୍ଥଲୋଭରେ ନିଜ ସମ୍ପର୍କୀୟ ଲୋକମାନେ ମଧ୍ୟ ପିଲାମାନଙ୍କୁ ଦଲାଲମାନଙ୍କ ପାଖରେ ବିକ୍ରି କରିଦେଉଛନ୍ତି। ବହୁ ପ୍ରତିକୂଳ ପରିସ୍ଥିତିରେ ସେମାନଙ୍କୁ ପୋଲିସ ପ୍ରଶାସନ ଉଦ୍ଧାର କଲେ ମଧ୍ୟ ପରବର୍ତ୍ତୀ ସମୟରେ ସେମାନଙ୍କୁ ସେମାନଙ୍କର ପରିବାର ଲୋକେ ଗ୍ରହଣ କରୁନାହାନ୍ତି। ଏହା ନେଇ ଆମ ସମାଜର ମାନସିକତାରେ ପରିବର୍ତ୍ତନ ଆଣିବାର ଆବଶ୍ୟକତା ରହିଛି। ଶିଶୁମାନଙ୍କ ସୁରକ୍ଷାକୁ ସର୍ବାଧିକ ଗୁରୁତ୍ୱ ଦେବାକୁ ହେବ। ତା' ହେଲେ ହିଁ ମାନସିକ ଓ ଶାରୀରିକ ଭାବରେ ସୁସ୍ଥ ଶିଶୁ ଭବିଷ୍ୟତରେ ଉତ୍ତମ ନାଗରିକ ହୋଇପାରିବ । ରାଷ୍ଟ୍ରଗଠନରେ ମଧ୍ୟ ପ୍ରମୁଖ ଭୂମିକା ଗ୍ରହଣ କରିପାରିବ ବୋଲି ସେ କହିଥିଲେ। ଉଲ୍ଲେଖଯୋଗ୍ୟ ଯେ, ଡ. ସୁନୀତା କ୍ରିଷ୍ଣନ୍‌ଙ୍କ ଦ୍ୱାରା ପ୍ରତିଷ୍ଠିତ 'ପ୍ରାଜ୍ୱଳା' ମାନବ ଚାଲାଣ ପ୍ରତିରୋଧ ପାଇଁ କାର୍ଯ୍ୟକରୁଥିବା ବେଳେ ଏବେସୁଦ୍ଧା ୧୭,୮୦୦ରୁ ଊର୍ଦ୍ଧ୍ୱ ଯୁବତୀଙ୍କୁ ଯୌନ ଶୋଷଣ କବଳରୁ ରକ୍ଷା କରିଛି। ଏଥିପାଇଁ ସୁନୀତା ଭାରତ ସରକାରଙ୍କ ଦ୍ୱାରା ପଦ୍ମଶ୍ରୀ ସମ୍ମାନରେ ମଧ୍ୟ ସମ୍ମାନିତ ହୋଇଛନ୍ତି।



# 'ନୂତନ ଓଡ଼ିଶାର ପରିକଳ୍ପନା: ଭବିଷ୍ୟତ ପିଢ଼ିର ସ୍ୱପ୍ନ' ଉପରେ ଉପସ୍ଥାପନା




ପ୍ରଶାସନିକ ବ୍ୟବସ୍ଥାକୁ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ରାଜ୍ୟ ସରକାରଙ୍କ ପକ୍ଷରୁ ଗତ ଫେବୃୟାରୀ ୧୪ ତାରିଖରେ ଆୟୋଜିତ ହୋଇଥିବା ବରିଷ୍ଠ ଆଇଏଏସ୍ ଅଧିକାରୀ ସମ୍ମିଳନୀର ଦ୍ୱିତୀୟ ଦିବସରେ ରାଜ୍ୟର ବିଦ୍ୟାଳୟ ଶିକ୍ଷା ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇଥିଲା। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ସହ କ୍ରୀଡ଼ା ବିଭାଗର ମିଳିତ ସହଭାଗିତାରେ 'ନୂତନ ଓଡ଼ିଶାର ପରିକଳ୍ପନା: ଭବିଷ୍ୟତ ପିଢ଼ିର ସ୍ୱପ୍ନ' ସମ୍ପର୍କିତ ବିଷୟବସ୍ତୁ ଉପରେ ଉପସ୍ଥାପନା କରାଯାଇଥିଲା। ଅଭିଭାଷଣ ଆରମ୍ଭକରି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଶାସନ ସଚିବ ରାଜ୍ୟ ସରକାରଙ୍କ '୫-ଟି' ଅଧୀନରେ ହୋଇଥିବା 'ବିଦ୍ୟାଳୟ ରୂପାନ୍ତରୀକରଣ କାର୍ଯ୍ୟକ୍ରମ' ସମ୍ପର୍କରେ କହିଥିଲେ। 'ବିଦ୍ୟାଳୟ ରୂପାନ୍ତରୀକରଣ କାର୍ଯ୍ୟକ୍ରମ'ର ପ୍ରଥମ ଦୁଇଟି ପର୍ଯ୍ୟାୟରେ ଓଡ଼ିଶାର ୩୯୮୧ଟି ଉଚ୍ଚ ବିଦ୍ୟାଳୟର ଭିତ୍ତିଭୂମି ବିକାଶ କରାଯାଇଥିବା ବେଳେ କାର୍ଯ୍ୟକ୍ରମର ସଫଳତାକୁ ଦୃଷ୍ଟିରେ ରଖି ତୃତୀୟ ପର୍ଯ୍ୟାୟରେ ଆହୁରି ୨୩୨୪ଟି ଉଚ୍ଚ ବିଦ୍ୟାଳୟ ଭିତ୍ତିଭୂମିର ରୂପାନ୍ତରୀକରଣ କରାଯାଉଛି। ସରକାରୀ ବିଦ୍ୟାଳୟରେ ପଢୁଥିବା ଛାତ୍ରଛାତ୍ରୀଙ୍କୁ ବିଶ୍ୱସ୍ତରୀୟ ଭିତ୍ତିଭୂମି ଯୋଗାଇଦେବା ଉଦ୍ଦେଶ୍ୟରେ ରୂପାନ୍ତରିତ ହୋଇଥିବା ପ୍ରତ୍ୟେକ ବିଦ୍ୟାଳୟରେ ସ୍ମାର୍ଟ କ୍ଲାସ୍‌ରୁମ୍, ଇ-ଲାଇବ୍ରେରୀ, ସାଇନ୍ସ ଲାବୋରେଟୋରୀ, ପାନୀୟଜଳ ବ୍ୟବସ୍ଥା, ଛାତ୍ର ଓ ଛାତ୍ରୀଙ୍କ ପାଇଁ ପୃଥକ୍ ଶୌଚାଳୟ ବ୍ୟବସ୍ଥା, କ୍ରୀଡ଼ା ଭିତ୍ତିଭୂମିର ବିକାଶ ସହ ଅତ୍ୟାଧୁନିକ ସ୍କୁଲ୍ କ୍ୟାମ୍ପସ୍ ଯୋଗାଇ ଦିଆଯାଇଛି। ରାଜ୍ୟ ସରକାରଙ୍କ 'ମୋ ସ୍କୁଲ୍ ଅଭିଯାନ' ମାଧ୍ୟମରେ ଏହି କାର୍ଯ୍ୟକ୍ରମକୁ ସ୍ଥାନୀୟ ଲୋକ ଏବଂ ଜନସାଧାରଣଙ୍କର ବିପୁଳ ସମର୍ଥନ ମିଳିଛି।

ଅତ୍ୟାଧୁନିକ ସ୍ମାର୍ଟ କ୍ଲାସ୍‌ରୁମ୍ ପ୍ରତିଷ୍ଠା ହେବାଦ୍ୱାରା ସରକାରୀ ବିଦ୍ୟାଳୟର ଉପସ୍ଥାନରେ ଅଭିବୃଦ୍ଧି ହେବାସହ ଉଚ୍ଚ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ମଧ୍ୟରେ ପାଠପଢ଼ାକୁ ନେଇ ବିଶେଷ ଆଗ୍ରହ ଦେଖିବାକୁ ମିଳିଛି। ସରକାରୀ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ପୂର୍ବ ଅପେକ୍ଷା ଭଲ ପ୍ରଦର୍ଶନ କରୁଛନ୍ତି। କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟର ପିଜିଆଇ ର୍‍ୟାଙ୍କିଂରେ ଓଡ଼ିଶା ଭଲ ପ୍ରଦର୍ଶନ କରିଥିବା ବେଳେ ଓଡ଼ିଶାର ସରକାରୀ ବିଦ୍ୟାଳୟର ଛାତ୍ରଛାତ୍ରୀ ସଂଖ୍ୟାରେ ଅଭିବୃଦ୍ଧି ଘଟିଥିବା ନିକଟରେ ପ୍ରକାଶ ପାଇଥିବା ଏସ୍‌ଇଆର୍ ରିପୋର୍ଟରେ ଦର୍ଶାଯାଇଛି।

ରାଜ୍ୟର '୫-ଟି' କାର୍ଯ୍ୟକ୍ରମ ଅଧୀନରେ ଓଡ଼ିଶା କିଭଳି ନିଜର ଶିକ୍ଷା ଭିତ୍ତିଭୂମିକୁ ସୁଦୃଢ଼ କରୁଛି ତାହା ନେଇ ବିଭାଗୀୟ ଶାସନ ସଚିବ ବକ୍ତବ୍ୟ ରଖିଥିଲେ। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ସରକାରୀ ବିଦ୍ୟାଳୟର ଶୈକ୍ଷିକ ପରିବେଶକୁ ଅଧିକ ଉନ୍ନତ କରିବାକୁ 'ଆକାଂକ୍ଷୀ ପାଠ୍ୟକ୍ରମ'ର ପ୍ରଚଳନ କରିଛି। ପିଲାମାନଙ୍କ ବୌଦ୍ଧିକ ବିକାଶ ଓ ଶିକ୍ଷକ, ଶିକ୍ଷୟିତ୍ରୀ ଏବଂ ଅଭିଭାବକଙ୍କ ମଧ୍ୟରେ ଯୋଗାଯୋଗ ପାଇଁ ଆସନ୍ତା ଶିକ୍ଷାବର୍ଷଠାରୁ ଏକାଡେମିକ୍ କ୍ୟାଲେଣ୍ଡର୍ ଏବଂ ଷ୍ଟୁଡେଣ୍ଟ୍ ଡାଏରୀ ପ୍ରଚଳନ କରାଯିବାକୁ ଲକ୍ଷ୍ୟ ରହିଛି। ଏକବିଂଶ ଶତାବ୍ଦୀର ଜ୍ଞାନକୌଶଳ ସହ ଉଭୟ ଛାତ୍ରଛାତ୍ରୀ ଓ ଶିକ୍ଷକ, ଶିକ୍ଷୟିତ୍ରୀଙ୍କୁ ଜଡ଼ିତ କରିବାକୁ କୋଡ୍ କ୍ଲବ୍, ଇ-ଲାଇବ୍ରେରୀ ଏବଂ ସ୍ମାର୍ଟ କ୍ଲାସ୍‌ରୁମ୍ ମାଧ୍ୟମରେ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସର ବ୍ୟବହାରକୁ ପ୍ରୋତ୍ସାହିତ କରାଯାଉଛି। ସେହିଭଳି ଶିକ୍ଷକ ଅଭାବ ସମସ୍ୟା ଦୂର କରିବାକୁ ନୂତନ ନିଯୁକ୍ତି ଉପରେ ରାଜ୍ୟ ସରକାର ପ୍ରାଥମିକତା ଦେଉଥିବା ସେ କହିଥିଲେ। ଏହି ଅବସରରେ ବରଗଡ଼, ସୋନପୁର, ନୟାଗଡ଼ର ଜିଲ୍ଲାପାଳମାନେ ନିଜ ନିଜ ଜିଲ୍ଲାରେ ନିଆଯାଇଥିବା ବିଭିନ୍ନ ଅଭିନବ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ।



# ବ୍ରିଟିଶ କାଉନ୍‌ସିଲ୍ ସହ ରାଜିନାମା ସ୍ୱାକ୍ଷରକଲା 'ମୋ ସ୍କୁଲ୍ ଅଭିଯାନ'





ଓଡ଼ିଶାରେ କ୍ରୀଡ଼ାକୁ ପ୍ରୋତ୍ସାହନ ଦେବା ପାଇଁ ଅନ୍ତର୍ଜାତୀୟ ସଂସ୍ଥା ବ୍ରିଟିଶ କାଉନ୍‌ସିଲ୍ ସହ ଏକ ରାଜିନାମା ସ୍ୱାକ୍ଷର କରିଛି 'ମୋ ସ୍କୁଲ୍ ଅଭିଯାନ'। ୨୦୨୩ ଫେବୃୟାରୀ ୨୩ ତାରିଖରେ ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ ରାଜ୍ୟ କାର୍ଯ୍ୟାଳୟରେ ଉଭୟ ଅନୁଷ୍ଠାନ ପକ୍ଷରୁ ଏକ ଅପରେଶନାଲ ଆଲିଆନ୍ସ ଏଗ୍ରିମେଣ୍ଟ (ଓଏଏ) ସ୍ୱାକ୍ଷର କରାଯାଇଥିଲା। 'ମୋ ସ୍କୁଲ୍' ପକ୍ଷରୁ ଅନୁଷ୍ଠାନର ସଦସ୍ୟ ସଚିବ ଶ୍ରୀ ଅନୁପମ ସାହା ଏବଂ ବ୍ରିଟିଶ କାଉନ୍‌ସିଲ୍ ପକ୍ଷରୁ ଏହାର ଶିକ୍ଷା ନିର୍ଦ୍ଦେଶକ (ଭାରତ) ଶ୍ରୀମତୀ ରିତିକା ଚନ୍ଦା ପାରୁକ୍ ଏହି ରାଜିନାମାକୁ ସ୍ୱାକ୍ଷର କରିଥିଲେ। ବିଦ୍ୟାଳୟସ୍ତରରେ କ୍ରୀଡ଼ାକୁ ପ୍ରୋତ୍ସାହନ ଦେବା ଉଦ୍ଦେଶ୍ୟରେ ପାଇଲଟ୍ ପ୍ରକଳ୍ପ ଭାବରେ ବିଭିନ୍ନ କାର୍ଯ୍ୟକ୍ରମ ଆରମ୍ଭ କରାଯିବ। ପ୍ରାରମ୍ଭିକ ପର୍ଯ୍ୟାୟରେ ରାଜ୍ୟର ୩୦ଟି ମନୋନୀତ ସ୍କୁଲ୍‌ରେ ଏହି କାର୍ଯ୍ୟକ୍ରମ ଆରମ୍ଭ କରାଯିବ।

# "ହାଇସ୍କୁଲ ରୂପାନ୍ତରୀକରଣ କାର୍ଯ୍ୟକ୍ରମ" ଏବଂ "ମୋ ସ୍କୁଲ ଅଭିଯାନ"କୁ ପ୍ରଶଂସା କଲା ଦିଲ୍ଲୀ ଏସ୍‌ସିଇଆର୍‌ଟି ଟିମ୍



ରାଜ୍ୟ ସରକାରଙ୍କ ୫ଟି 'ହାଇସ୍କୁଲ ରୂପାନ୍ତରୀକରଣ କାର୍ଯ୍ୟକ୍ରମ' ଏବଂ 'ମୋ ସ୍କୁଲ ଅଭିଯାନ'କୁ ପ୍ରଶଂସା କରିଛି ଦିଲ୍ଲୀସ୍ଥିତ 'ରାଜ୍ୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ'(ଏସ୍‌ସିଇଆର୍‌ଟି)। ଏହି ପରିଷଦର ଏକ ୧୦ଜଣିଆ ଟିମ୍ ଗତ ମାର୍ଚ୍ଚ ୩ ତାରିଖରେ 'ମୋ ସ୍କୁଲ' ରାଜ୍ୟ କାର୍ଯ୍ୟାଳୟ ପରିଦର୍ଶନରେ ଆସି ଓଡ଼ିଶାର ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ବିଦ୍ୟାଳୟର ଛାତ୍ରଛାତ୍ରୀ ତଥା ଶିକ୍ଷକମାନଙ୍କ ଦକ୍ଷତା ବିକାଶ ପାଇଁ ନିଆଯାଇଥିବା ବିଭିନ୍ନ ପଦକ୍ଷେପକୁ ପ୍ରଶଂସା କରିଥିଲେ। ଏହି ୧୦ ଜଣିଆ ଟିମ୍‌ର ପ୍ରତିନିଧିତ୍ୱ କରୁଥିବା ଦିଲ୍ଲୀ ଏସ୍‌ସିଇଆର୍‌ଟି ନୋଡାଲ ଅଫିସର ଶ୍ରୀମତୀ ପ୍ରୀତି ଖତ୍ରି ରାଜ୍ୟ ସରକାରଙ୍କ ଦ୍ୱାରା ଶିକ୍ଷା କ୍ଷେତ୍ରରେ ଗ୍ରହଣ କରାଯାଇଥିବା ସଂସ୍କାରମୂଳକ ପଦକ୍ଷେପକୁ ପ୍ରଂଶସା କରିବା ସହ ସାଧୁବାଦ ଜଣାଇଥିଲେ।

ଓଡ଼ିଶାର ରୂପାନ୍ତରିତ ବିଦ୍ୟାଳୟଗୁଡିକୁ ଅତ୍ୟାଧୁନିକ ଡିଜିଟାଲ ଉପକରଣ ଯୋଗାଇ ଦିଆଯାଇଛି । ଗ୍ରାମାଞ୍ଚଳ ଶିକ୍ଷକ/ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀମାନଙ୍କୁ ଏକବିଂଶ ଶତାବ୍ଦୀର ଉନ୍ନତ ଜ୍ଞାନକୌଶଳ ତାଲିମ ଦିଆଯାଉଛି । ସମସ୍ତ ବର୍ଗର ଛାତ୍ରଛାତ୍ରୀମାନଙ୍କ ପାଇଁ ଉନ୍ନତ ଶିକ୍ଷା ସୁନିଶ୍ଚିତ କରିଥିବା ଓଡ଼ିଶା ସରକାରଙ୍କ 'ହାଇସ୍କୁଲ ରୂପାନ୍ତରୀକରଣ କାର୍ଯ୍ୟକ୍ରମ' ହେଉଛି ଏକ ଯୁଗାନ୍ତକାରୀ ପଦକ୍ଷେପ । ଉକ୍ତ ବିଦ୍ୟାଳୟଗୁଡ଼ିକରେ ଉନ୍ନତ ଭିତ୍ତିଭୂମି, ମୌଳିକ ଆବଶ୍ୟକୀୟ ଶିକ୍ଷା ଉପକରଣ ଏବଂ ବିଦ୍ୟାଳୟସ୍ତରରେ କଳା ଓ ସଂସ୍କୃତିକୁ ପ୍ରୋତ୍ସାହନ ଦିଆଯାଉଛି । ରାଜ୍ୟ ସରକାରଙ୍କ 'ମୋ ସ୍କୁଲ ଅଭିଯାନ' ସାରା ଦେଶରେ ଏକ ସ୍ୱତନ୍ତ୍ର ଓ ଅନନ୍ୟ ପଦକ୍ଷେପ । ପୁରାତନ ଛାତ୍ରଛାତ୍ରୀମାନେ ନିଜ ବିଦ୍ୟାଳୟ ସହ ଯୋଡ଼ି ହେବା ସହ ବିଦ୍ୟାଳୟ ବିକାଶ ପ୍ରକ୍ରିୟାରେ ନିଜକୁ ଅନ୍ତର୍ଭୁକ୍ତ କରିପାରୁଛନ୍ତି । ଏହା ସମସ୍ତଙ୍କ ପାଇଁ ଉଦାହରଣ ଯୋଗ୍ୟ ବୋଲି ଶ୍ରୀମତୀ ଖତ୍ରି କହିଥିଲେ।


ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର 'ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର' ଓ 'ଆକାଂକ୍ଷୀ' କାର୍ଯ୍ୟକ୍ରମକୁ ପ୍ରଶଂସା କରି ଏହି ଟିମ୍‌ର ପ୍ରତିନିଧିମାନେ କହିଥିଲେ ଅଧାରୁ ପାଠ ଛାଡୁଥିବା ଛାତ୍ରଛାତ୍ରୀଙ୍କ ସଂଖ୍ୟା ହ୍ରାସ କରିବାରେ ଏହା ବେଶ୍ ସହାୟକ ହେବ। ଏହି ଅବସରରେ ଉକ୍ତ ଟିମ୍ 'ମୋ ସ୍କୁଲ ଅଭିଯାନ' ମୁଖ୍ୟ ପରିଚାଳନା ଅଧିକାରୀ ଶ୍ରୀ ଅମରଜିତ ଜେନା ଏବଂ 'ମୋ ସ୍କୁଲ'ର ଅନ୍ୟାନ୍ୟ ସଦସ୍ୟମାନଙ୍କ ସହ ଆଲୋଚନା କରିଥିଲେ।

# ୨୦୨୩-୨୪ ଶିକ୍ଷାବର୍ଷରୁ ସବୁ ଉଚ୍ଚ ବିଦ୍ୟାଳୟରେ 'ସ୍କୁଲ୍ କ୍ଲବ୍'

ରାଜ୍ୟର ସମସ୍ତ ସରକାରୀ ଉଚ୍ଚ ବିଦ୍ୟାଳୟରେ ପ୍ରଚଳିତ ହେବ 'ସ୍କୁଲ କ୍ଲବ୍'। ସ୍କୁଲ ଛାତ୍ରଛାତ୍ରୀଙ୍କ ପ୍ରତିଭା ଓ ସାମର୍ଥ୍ୟକୁ ବିକଶିତ କରିବା ଉଦ୍ଦେଶ୍ୟରେ ଆସନ୍ତା ୨୦୨୩-୨୪ ଶିକ୍ଷାବର୍ଷଠାରୁ ପ୍ରାରମ୍ଭିକ ପର୍ଯ୍ୟାୟରେ ରୂପାନ୍ତରିତ ବିଦ୍ୟାଳୟମାନଙ୍କରେ 'ସ୍କୁଲ କ୍ଲବ୍'ର ପ୍ରଚଳନ କରାଯିବ । ଏହି କ୍ଲବ୍‌ଗୁଡ଼ିକର ନାମ ଯଥାକ୍ରମେ 'ସାହିତ୍ୟ ସୃଜନୀ', 'ଜିଜ୍ଞାସା', 'କୌଶଳୀ' ଏବଂ 'କ୍ରୀଡ଼ାଙ୍ଗନ' ରଖିବାକୁ ପରାମର୍ଶ ଦିଆଯାଇଛି। ଏହା ରାଜ୍ୟ ସରକାରଙ୍କ ଦ୍ୱାରା ନୂତନ ଭାବରେ ପ୍ରବର୍ତ୍ତିତ ଆକାଂକ୍ଷୀ ପାଠ୍ୟକ୍ରମକୁ ଅଧିକ ପ୍ରୋତ୍ସାହନ ଯୋଗାଇବା ସହ ସେମାନଙ୍କର ବ୍ୟକ୍ତିଗତ ଶିକ୍ଷଣ ଅଭିଜ୍ଞତାକୁ ବିକଶିତ କରିବାରେ ବିଶେଷ ସହାୟକ ହେବ। 'ସ୍କୁଲ କ୍ଲବ୍'ର ପ୍ରଚଳନ ମାଧ୍ୟମରେ ପିଲାମାନେ କେବଳ ଶ୍ରେଣୀଗୃହରେ ସୀମିତ ନ ରହି ନିଜ ଆଗ୍ରହ ଅନୁସାରେ ଭବିଷ୍ୟତ ଯୋଜନା କରିବାକୁ ସୁଯୋଗ ପାଇବେ । ପ୍ରତ୍ୟେକ କ୍ଲବ୍ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ପରିଚାଳିତ ହେବ । ସେମାନଙ୍କ କାର୍ଯ୍ୟକଳାପକୁ ସଂଗଠିତ କରିବା ପାଇଁ ଜଣେ ମେଣ୍ଟର ଦାୟିତ୍ୱରେ ରହିବେ। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, କ୍ରୀଡ଼ା ବିଭାଗ, ଓଡ଼ିଶା ଜୈବ ବିବିଧତା ବୋର୍ଡ, ଓଡ଼ିଶା ବିଜ୍ଞାନ ଏକାଡେମୀ, ଆଞ୍ଚଳିକ ବିଜ୍ଞାନ କେନ୍ଦ୍ର, ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମ୍ୟାଥମେଟିକ୍ସ, ଇଣ୍ଟେଲ୍ କର୍ପୋରେସନ, ୟୁନିସେଫ୍, ଲର୍ଣ୍ଣ୍ ଲିଙ୍କ୍ ଫାଉଣ୍ଡେସନ୍, କ୍ୱେଷ୍ଟ ଆଲାଏନ୍ସ, ରାସବେରୀ ପାଏ ଫାଉଣ୍ଡେସନ୍ ଏବଂ ବ୍ରିଟିଶ୍ କାଉନସିଲ୍ ଆଦି ସଂଗଠନର ସହଯୋଗରେ 'ମୋ ସ୍କୁଲ୍ ଅଭିଯାନ' ସ୍କୁଲ କ୍ଲବ୍‌ର ପ୍ରଚଳନ କରିବ।

ସେହିଭଳି ପୁରାତନ ଛାତ୍ରଛାତ୍ରୀଙ୍କ ସହଯୋଗରେ ସମସ୍ତ ପ୍ରାଥମିକ ବିଦ୍ୟାଳୟରେ ଛାତ୍ର କ୍ୟାବିନେଟ୍‌ର ପୁନର୍ଗଠନ କରିବାକୁ ନିଷ୍ପତ୍ତି ନିଆଯାଇଛି। ସ୍କୁଲ କ୍ୟାବିନେଟ୍‌ର ରୂପାନ୍ତରଣ ଦ୍ୱାରା ଶିକ୍ଷାର୍ଥୀମାନଙ୍କ ଶିକ୍ଷଣ ପଦ୍ଧତିକୁ ଅଧିକ ବିକଶିତ କରାଯାଇ ପାରିବ । ଏହା ସହ ପୁରାତନ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଯୋଗାଯୋଗ ଦକ୍ଷତା, ଦାୟିତ୍ୱ ଗ୍ରହଣ ଓ ଅନ୍ୟାନ୍ୟ ସାମାଜିକ ଦକ୍ଷତା ବୃଦ୍ଧି ଦିଗରେ ଏହା କାର୍ଯ୍ୟ କରାଯିବ।

## ମୋ ସ୍କୁଲ୍: ୫ବର୍ଷର ଯାତ୍ରା



# ଆପଣ 'ମୋ ସ୍କୁଲ୍' ସହିତ କେମିତି ସହଯୋଗ କରିପାରିବେ ?

- ହଷ୍ଟେଲ, ପାଠାଗାର, ବିଜ୍ଞାନାଗାର, ଇଲେକ୍ଟ୍ରୋନିକ୍ ସାମଗ୍ରୀ, ଇଣ୍ଟରନେଟ୍, ଶ୍ରେଣୀଗୃହ, ଆସବାବପତ୍ର, ଶୌଚାଳୟ, ନିର୍ମଳ ପାନୀୟ ଜଳ, ପାଚିରି ନିର୍ମାଣ, ହ୍ୱିଲ ଚେୟାର ଇତ୍ୟାଦି ପାଇଁ ପାଣ୍ଠି ଦେଇପାରିବେ।
- ଶିକ୍ଷାଦାନ ପରିବେଶକୁ ମାନବିକ ଓ ପ୍ରଯୁକ୍ତିଗତ ଉଦ୍ୟମ ମାଧ୍ୟମରେ ଆହୁରି ଉନ୍ନତ କରିପାରିବେ।
- କ୍ରୀଡ଼ା ଭିତ୍ତିଭୂମିର ବିକାଶ ଓ କୋଚିଂ ସହାୟତା ପ୍ରଦାନ କରିପାରିବେ।
- ବାର୍ଷିକ ସ୍ୱାସ୍ଥ୍ୟ ପରୀକ୍ଷା, ଡାକ୍ତର ଓ ପରାମର୍ଶଦାତାଙ୍କ ପରିଦର୍ଶନ ମାଧ୍ୟମରେ ବିଦ୍ୟାର୍ଥୀମାନଙ୍କ ଶାରୀରିକ ଓ ମାନସିକ ସୁସ୍ଥତା ନିଶ୍ଚିତ କରାଇପାରିବେ।
- ବିଶେଷଜ୍ଞ ଓ ସଂସ୍ଥାମାନଙ୍କ ସହାୟତା ନେଇ ବହୁମୁଖୀ ଶିକ୍ଷାଦାନ ବିଷୟବସ୍ତୁ ପ୍ରସ୍ତୁତ କରାଇ ପାରିବେ।
- ଅଭିନବ ତାଲିମ କାର୍ଯ୍ୟକ୍ରମ, କର୍ମଶାଳା ଆଦି ଆୟୋଜନ କରି ଶିକ୍ଷକମାନଙ୍କୁ ଉତ୍ସାହିତ କରିପାରିବେ ଏବଂ ସେମାନଙ୍କ ଅନୁପସ୍ଥିତିଜନିତ ସମସ୍ୟାର ସମାଧାନ କରିପାରିବେ।
- ଶିକ୍ଷଣୀୟ ଭ୍ରମଣ, ଆଦାନପ୍ରଦାନ କାର୍ଯ୍ୟକ୍ରମ, ଜାତୀୟସ୍ତରୀୟ କ୍ରୀଡ଼ା, ସାହିତ୍ୟ ଓ ସାଂସ୍କୃତିକ କାର୍ଯ୍ୟକ୍ରମରେ ଯୋଗଦେବାକୁ ପ୍ରୋତ୍ସାହିତ କରିପାରିବେ।
- ପିଲାମାନଙ୍କ ମଧ୍ୟରେ ନିଜ କାମ ନିଜେ କରି ସ୍ୱାବଲମ୍ବୀ ହେବା ସଂସ୍କୃତିର ପ୍ରସାର କରାଇପାରିବେ।
- ପ୍ରତି ସ୍କୁଲରେ ବଗିଚାଟିଏ ଆରମ୍ଭ କରିବା ପାଇଁ ଏବଂ ସେଠାରେ ଛାତ୍ରଛାତ୍ରୀ, ଶିକ୍ଷକ ଓ ଅଭିଭାବକମାନେ ମିଶି ଗଛ ଲଗାଇବା ପାଇଁ ପ୍ରେରଣା ଦେଇପାରିବେ।

---

## କେତୋଟି ସାଧାରଣ ପ୍ରଶ୍ନ

### ମୁଁ କିପରି ଯୋଗଦାନ କରିବି ?

ଏହି ଅଭିଯାନରେ ସହଯୋଗ କରିବା ପାଇଁ ପୁରାତନ ଛାତ୍ର ସଂସଦ ପଞ୍ଜୀକରଣ ହେବା ବାଧ୍ୟତାମୂଳକ ନୁହେଁ। ତେଣୁ ଜଣେ ପୁରାତନ ଛାତ୍ର ବା ଛାତ୍ରୀ ଚାହିଁଲେ ଏକକ ଭାବେ କିମ୍ବା ଏକାଧିକ ପୁରାତନ ଛାତ୍ରଛାତ୍ରୀ ଏକାଠି ହୋଇ 'ମୋ ସ୍କୁଲ' ଅଧୀନରେ ନିଜ ଇଚ୍ଛା ମୁତାବକ ଦାନ କରିପାରିବେ ଏବଂ ତାକୁ ନେଇ ଗୋଟିଏ ସ୍କୁଲ୍ ପ୍ରକଳ୍ପ ଆରମ୍ଭ କରିପାରିବେ।

### କିଭଳି ଅର୍ଥ ଦାନ କରିବି ?

ଏହି ଅଭିଯାନରେ ନଗଦ ଅର୍ଥ ଦାନ କରି ହେବ ନାହିଁ। ଚେକ୍, ବ୍ୟାଙ୍କ ଟ୍ରାନ୍ସଫର ବା ପେମେଣ୍ଟ ଗେଟୱେ ମାଧ୍ୟମରେ ଅନ୍‌ଲାଇନ୍‌ରେ ଦାନ କରିହେବ। ବନ୍ଧୁ କିମ୍ବା ପରିବାର ସଦସ୍ୟଙ୍କ ତରଫରୁ ମଧ୍ୟ ଦାନ ଦେଇପାରିବେ। ତେବେ ବିଦେଶୀ ମୁଦ୍ରା ଦାନ କରିପାରିବେ ନାହିଁ। ଆପଣଙ୍କ ଆର୍ଥିକ ଯୋଗଦାନ ସହିତ ରାଜ୍ୟ ସରକାରଙ୍କର ୨ଗୁଣ ଯୋଗଦାନ ରହିବ। ଉଦାହରଣ ସ୍ୱରୂପ, ଆପଣ ଯଦି ୧ ଲକ୍ଷ ଟଙ୍କା ଦିଅନ୍ତି, ତା'ହେଲେ ସରକାର ୨ ଲକ୍ଷ ଟଙ୍କା ଦେବେ। ଅର୍ଥାତ୍, ଆପଣଙ୍କ ଯୋଗଦାନ ବାସ୍ତବରେ ୩ ଲକ୍ଷ ଟଙ୍କା ହେବ।

### ମୋ ଆର୍ଥିକ ଯୋଗଦାନ ପାଇଁ ଟିକସ ରିହାତି ମିଳିବ କି ?

ଦାନ ରାଶି ପାଇଁ 'ମୋ ସ୍କୁଲ୍' ଆପଣଙ୍କୁ ୮୦-ଜି ସାର୍ଟିଫିକେଟ୍ ଦେବ, ଯାହାଦ୍ୱାରା ଆପଣ ଆୟକର ସୁବିଧା ନେଇପାରିବେ।

### ମୁଁ ସାମଗ୍ରୀ ଆକାରରେ ଦାନ ଦେଇପାରିବି କି ?

ହଁ। ଆପଣ ସାମଗ୍ରୀ ଆକାରରେ ମଧ୍ୟ ଦାନ ଦେଇପାରିବେ। କିନ୍ତୁ ସାମଗ୍ରୀ ଦାନ ପାଇଁ 'ମୋ ସ୍କୁଲ୍' ପକ୍ଷରୁ କୌଣସି ଅନୁଦାନ ଦିଆଯିବ ନାହିଁ। ତେବେ ବ୍ୟବହୃତ ହୋଇଥିବା ସାମଗ୍ରୀ ବିଦ୍ୟାଳୟକୁ ଦେବା ପାଇଁ 'ମୋ ସ୍କୁଲ୍' ନିରୁତ୍ସାହିତ କରିଥାଏ। ଆପଣ ଯାହା ଦାନ କରୁଛନ୍ତି ପରେ ପୁଣି ତାହାର ମାଲିକାନା ବା ବ୍ୟବହାର ଦାବି କରିପାରିବେ ନାହିଁ।

### ଅର୍ଥ ଦାନ ବ୍ୟତୀତ ବିଦ୍ୟାଳୟକୁ ମୁଁ କିଭଳି ସାହାଯ୍ୟ କରିପାରିବି ?

ଆପଣ ଇଚ୍ଛା କଲେ ଜ୍ଞାନ ପ୍ରଦାନରେ ସାହାଯ୍ୟ କରିପାରିବେ। ଆପଣ ଗୋଟିଏ ବିଦ୍ୟାଳୟରେ ଜୈବ ବିବିଧତା ଉଦ୍ୟାନଟିଏ, ପନିପରିବା ବଗିଚାଟିଏ, ସ୍କୁଲ କ୍ୟାବିନେଟ୍ (ବାଳ ସଂସଦ)ଟିଏ, କିମ୍ବା ସାହିତ୍ୟ, ସିନେମା ବା ସନ୍ଧାନୀ କ୍ଲବଟିଏ ଗଠନ କରିପାରିବେ।

### କିପରି ଯୋଗାଯୋଗ କରିବି ?

'ମୋ ସ୍କୁଲ୍' ଟିମ୍ ସହିତ reachout@moschool.in ଇମେଲ୍ ମାଧ୍ୟମରେ ଆପଣ ସିଧାସଳଖ ଯୋଗାଯୋଗ କରିପାରିବେ। ତା' ଛଡ଼ା ମୋ ସ୍କୁଲ୍ ଅଧିକାରୀଙ୍କ ସହିତ ଟେଲିଫୋନ କିମ୍ବା ଇ-ମେଲ୍ ମାଧ୍ୟମରେ ମଧ୍ୟ ଆପଣମାନେ ଯୋଗାଯୋଗ କରିପାରିବେ।

## ଯୋଗାଯୋଗ:

ମୋ ସ୍କୁଲ୍ ଅଭିଯାନ ପରିଚାଳନା ସଂଗଠନ
ତୋଷାଳୀ ଭବନ, ଏ-୧ ବ୍ଲକ
୬ଷ୍ଠ ମହଲା, ସତ୍ୟ ନଗର
ଭୁବନେଶ୍ୱର - ୭୫୧୦୦୭ (ଓଡ଼ିଶା)
reachout@moschool.in

ନିହାରିକା ନାୟକ
ଅଫିସର ଅନ୍ ସ୍ପେଶାଲ ଡ୍ୟୁଟି, ମୋ ସ୍କୁଲ୍
+୯୧ ୯୯୩୭୭୬୩୦୦୭
niharika@moschool.in

ଅମରଜିତ ଜେନା
ଚିଫ୍ ଅପରେଟିଂ ଅଫିସର, ମୋ ସ୍କୁଲ୍
+୯୧ ୯୯୩୭୦୮୨୩୪୯
amarjit@moschool.in